بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 23

ବାର୍ଷିକ ଦେୟ : 600/-

www.akhbarbadr.in

28 ଜୁଲ୍‌କାଦା 1445 ହି.କ, 06 ଇହସାନ୍ 1403 ହି.ଶ, 06 June-2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

اِنَّ اللّٰہَ لَہٗ مُلۡکُ السَّمٰوٰتِ وَالۡاَرۡضِ ؕ یُحۡیٖ وَیُمِیۡتُ ؕ وَمَا لَکُمۡ مِّنۡ دُوۡنِ اللّٰہِ مِنۡ وَّلِیٍّ وَّلَا نَصِیۡرٍ

(ଅତ୍ ତୌବା-116)

**ଅନୁବାଦ :** ବାସ୍ତବରେ ଆକାଶ ଓ ପୃଥିବୀର ରାଜତ୍ୱ ଅଲ୍ଲାଃତାଲାଙ୍କର ଅଟେ । ସେ ଜୀବନ ଦାନ କରନ୍ତି ଓ ପ୍ରାଣ ନାଶ କରନ୍ତି ଏବଂ ତାହାଙ୍କ ବ୍ୟତୀତ ତୁମମାନଙ୍କର କୌଣସି ବନ୍ଧୁ ନାହାନ୍ତି କି କୌଣସି ସାହାଯ୍ୟ-କାରୀ ନାହାନ୍ତି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ବରୀରାହ୍ ର.ଅଙ୍କ ନିମନ୍ତେ ସଦ୍‌କା ଓ ଆମମାନଙ୍କ ନିମନ୍ତେ ଉପହାର

**(2576)** ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ନିକଟକୁ ମାଂସ ଅଣାଗଲା ଏବଂ କୁହାଗଲା ଯେ, ବରିରାହ୍ ର.ଅଙ୍କୁ ସଦ୍‌କା ଦିଆଯାଇଛି। ଆପଣ ସ.ଅ କହିଲେ, ଏହା ତାଙ୍କ ପାଇଁ ସଦ୍‌କା (ଦାନ) ଓ ଆମମାନଙ୍କ ନିମନ୍ତେ ଭେଟି ବା ଉପହାର ଅଟେ । **(ବୁଖାରୀ, କିତାବୁଲ୍ ହଦିୟାହ୍, ଭାଗ-4)**

**ବ୍ୟାଖ୍ୟା :** ହ. ସୟେଦି ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ର.ଅ କୁହନ୍ତି, ସାହାବା ମାନଙ୍କର କାର୍ଯ୍ୟାନୁସରଣରୁ ପ୍ରତିଭାତ ଯେ, ସମସ୍ତେ ସଂପର୍କର, ଭ୍ରାତୃତ୍ୱତାର, ସାମ୍ୟତାର ଡୋରରେ ଗ୍ରଥିତ ହୋଇଥିଲେ ଏବଂ ପରସ୍ପର ଠାରୁ ନିରାଡ଼ମ୍ବର ତଥା ନିସ୍ପୃହ ଥିଲେ। ବର୍ଣ୍ଣଗତ ବୈଷମ୍ୟତା, ଜାତିଗତ, ବଂଶଗତ ତଥା ଗୋତ୍ର, ଦେଶ, ବୃତ୍ତିଗତ ଭିନ୍ନତା ସତ୍ତ୍ୱେ ସେମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟତା ନଥିଲା। ଉପରୋକ୍ତ ଅଧ୍ୟାୟର ୮ଟି ବର୍ଣ୍ଣନା ମଧ୍ୟରୁ ଇସ୍‌ଲାମୀୟ ସାମ୍ୟତାର ଅବସ୍ଥା ସ୍ୱଷ୍ଟ ରୂପେ ପ୍ରତିଭାତ ହୋଇଥାଏ ଏବଂ ଏହାର ପୁଣ୍ୟ ପ୍ରଭାବ ଇସ୍‌ଲାମୀୟ ସମାଜରେ ଏଯାବତ୍ ବଳବତ୍ତର ରହିଛି । ଏତଦ୍‌ଭିନ୍ନ ମୁସଲମାନମାନେ କୌଣସି ଅପରିଚିତ ରାଷ୍ଟ୍ରରେ ହେଉ ଅବା ନିଜର ମାତୃଭୂମିରେ ହୁଅନ୍ତୁ । ଯୁଗ ପ୍ରବାହ କ୍ରମେ ପରିବର୍ତ୍ତନ ଓ ଅଣ ଜାତିର ସଭ୍ୟତାରୁ ପ୍ରଭାବିତ ହେବା ସତ୍ତ୍ୱେ ଇସ୍‌ଲାମୀୟ ଶିକ୍ଷା ଓ ଆଁହଜରତ ସ.ଅଙ୍କ ଆଦର୍ଶର ଯେଉଁ ପୁଣ୍ୟ ପ୍ରଭାବ ସେମାନଙ୍କ ମଧ୍ୟରେ ନ୍ୟୁନାଧିକ ଏଯାବତ୍ ବିଦ୍ୟମାନ ରହିଛି ଓ ଏଯାବତ୍ ତାହା ପରିଲକ୍ଷିତ ହୋଇ ଥାଏ ।

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମେହ୍‌ଦୀ ସଂକ୍ରାନ୍ତରେ ସମସ୍ତ ହଦିସରେ ଏହା ଉଲ୍ଲେଖ ରହିଛି ଯେ, ମେହ୍‌ଦୀ ଆସିବା ମାତ୍ରେ ରକ୍ତପାତ କରିବ ଏବଂ ଈଶ୍ୱରଙ୍କ ପ୍ରାଣୀମାନଙ୍କ ରକ୍ତ ଦ୍ୱାରା ଭୂପୃଷ୍ଠକୁ ରକ୍ତ ରଞ୍ଜିତ କରିଦେବ । ଈଶ୍ୱର ସେହି ଲୋକମାନଙ୍କୁ ଜାଣନ୍ତି ଯେଉଁମାନେ ଏହି ହିଦସ୍‌ଗୁଡ଼ିକର ରଚୟିତା ଥିଲେ । ସେମାନଙ୍କ ମନରେ ଅନ୍ୟାୟପୂର୍ବକ ଭାବରେ ଈଶ୍ୱରଙ୍କ ପ୍ରାଣୀମାନଙ୍କ ପ୍ରାଣ ନେବା ନିମନ୍ତେ କେତେ ଯେ, ବୁଭୁକ୍ଷତା ଓ ତୃଷ୍ଣା ଥିଲା ତାହା ଭଗବାନ ହିଁ ଜାଣନ୍ତି ।**

ହୁଜୁର୍ ଅ.ସ କୁହନ୍ତି ଆଜି ମୁଁ କନ୍‌ଜୁଲ୍ ଉମ୍ମାଲ୍‌କୁ ଦେଖୁଥିଲି। ମେହ୍‌ଦୀ (ମାର୍ଗଦର୍ଶନ ପ୍ରାପ୍ତ ଧର୍ମଗୁରୁ) ଓ ଦଜ୍ଜାଲ୍ (ମାୟାବୀ) ସଂପର୍କରେ ୫5ଟି ହଦିସ୍ ତହିଁରେ ଏକତ୍ରିତ କରାଯାଇଛି। ସମସ୍ତ ହଦିସ୍‌ରେ ଏହି ପ୍ରସଙ୍ଗ ଉଲ୍ଲେଖ ରହିଛି ଯେ, ମେହ୍‌ଦୀ ଆସିବା ମାତ୍ରେ ରକ୍ତପାତ କରିବ, ଏପରି ବିଭୀଷିକା ତଥା ତାଣ୍ଡବ ରଚି ସେ ଭୂପୃଷ୍ଠକୁ ରକ୍ତ ରଞ୍ଜିତ କରିଦେବ । ଈଶ୍ୱର ଜାଣନ୍ତି ସେହି ଲୋକମାନଙ୍କୁ ଯେଉଁମାନେ ଏହି ହିଦସ୍‌ଗୁଡ଼ିକର ରଚୟିତା ଥିଲେ, ସେମାନଙ୍କ ମନରେ ଅନ୍ୟାୟପୂର୍ବକ ଭାବରେ ଈଶ୍ୱରଙ୍କ ପ୍ରାଣୀମାନଙ୍କ ପ୍ରାଣ ନେବା ନିମନ୍ତେ କେତେ ଯେ, ବୁଭୁକ୍ଷତା ଓ ତୃଷ୍ଣା ଥିଲା ତାହା ଭଗବାନ ହିଁ ଜାଣନ୍ତି । ସେତେବେଳେ ବୁଦ୍ଧି ଶୂନ୍ୟ, ସାଧାରଣ ଓ ତୁଚ୍ଛ ହୋଇଯାଇଥିଲା । ସେମାନେ ଏହି କଥାକୁ ବୁଝି ପାରୁ ନଥିଲେ ଯେ, କୌଣସି ନିଯୁକ୍ତ ଧର୍ମାଧ୍ୟକ୍ଷ ଆସିବା ମାତ୍ରେ ପ୍ରମାଣ ସାବ୍ୟସ୍ତ କରିବା ପରିବର୍ତ୍ତେ ଲୋକମାନଙ୍କୁ ଖଡ଼୍‌ଗ ଦ୍ୱାରା ସ୍କନ୍ଧଚ୍ୟୁତ କରିବା ଆରମ୍ଭ କରିଦେବ । ଏହି ପ୍ରଚାର କରିବାର ନିୟମ ବିଧି ଓ ନିୟୋଜିତ ହେବାର ସଂପୂର୍ଣ୍ଣ ରୂପେ ବିପରୀତ ଅଟେ । ଆଶ୍ଚର୍ଯ୍ୟକର କଥା ଏହିକି ଯେ, ଏକ ପାର୍ଶ୍ୱରେ ଶେଷ ଯୁଗକୁ ପୁରୁଷୋତ୍ତମ ତଥା ନବୀ ଶ୍ରେଷ୍ଠ ରସୁଲ୍ କରୀମ୍ ସ.ଅଙ୍କ କାଳ ସହିତ ଏତେ ଦୂର ବୋଲି ବିବେଚିତ କରାଯାଇଛି । ଅନ୍ୟ ପକ୍ଷେ ଅବତାରତ୍ୱ ଯୁଗର ବ୍ୟବଧାନ ଯେତେ ଯେତେ ଦୂର ହେବ ସେତେ ସେତେ ନିଶ୍ଚେତେତନା, ଆଳସ୍ୟ ପରାୟଣତା ଏବଂ ଈଶ୍ୱରଙ୍କ ପ୍ରତି ବିମୁଖତା ତଥା ଈଶ୍ୱରଙ୍କୁ ଉପେକ୍ଷା କରିବା ବୃଦ୍ଧି ପାଇବ। ଏହାକୁ ବାଦ୍‌ଦେଲେ ଶେଷ ଯୁଗର ସୁଧାରକ ଓ ନିଯୁକ୍ତ ଧର୍ମାଧ୍ୟକ୍ଷକୁ ଏପରି ବ୍ୟକ୍ତି ବୋଲି ବିବେଚିତ କରାଯାଇଛି ଯିଏ ଆସିବା ମାତ୍ରେ ଖଡ଼୍‌ଗ ବିନିଯୋଗ କରିବେ ଏବଂ ପ୍ରମାଣକୁ ସାବ୍ୟସ୍ତ କରିବାର ଗୋଟିଏ ଶବ୍ଦ ବି ତୁଣ୍ଡରେ ନାଁ ଧରିବ ନାହିଁ। ସେ ସୁଧାରକ ହତ୍ୟାକାରୀ ଏବଂ ଉପଦ୍ରବକାରୀ ବ୍ୟକ୍ତି ରୂପେ ବିବେଚିତ ହେଲା ।

ଏକଥା ଶୁଣି ଅତ୍ୟନ୍ତ ଦୁଃଖିତ ଓ ପରିତାପ ହେବାକୁ ପଡ଼ି ଯେ, ସେହି ହଦିସଗୁଡ଼ିକ ଏତେ ପ୍ରତିକୁଳତା ଏବଂ ବୀପରୀତତାର ସମାହାର ଅଟନ୍ତି ଯେ, ଏହାଠୁ ଅଧିକ ଅନର୍ଗଳ ବାଯ୍ୟ ଓ ତଲ୍ଲୀନତା ତଥା ବ୍ରହ୍ମଲୀନତା ମଧ୍ୟରେ ବୀପରୀତତା ସମ୍ଭବପର ନୁହେଁ । କିନ୍ତୁ ସେହି ଲୋକମାନଙ୍କର ବୃଦ୍ଧି ସେମାନଙ୍କର ସାଫଲ୍ୟତାର ଅତଳ ଗହ୍ୱର ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ମୁଁ ଏହି ହଦିସ୍‌ଗୁଡ଼ିକୁ ପାଠ କରି ପ୍ରକମ୍ପିତ ହୋଇ ଉଠିଲି ଏବଂ ମୋ ହୃଦୟ ବ୍ୟଥିତ ହୋଇଗଲା ଯେ, ଏବେ ଯଦି ଈଶ୍ୱର ଅବସ୍ଥା ପଚାରି ନବୁଝନ୍ତି ଓ ଏହି ସଂପ୍ରଦାୟ (ଜମାଅତ୍ ଅହେମଦିୟା) ସ୍ଥାପନ କରି ନଥାଆନ୍ତେ ତଥା ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ପ୍ରକୃତ ସତ୍ୟତା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିବା ନିମନ୍ତେ ଯେଉଁ ଗୁରୁଦାୟିତ୍ୱ ଅର୍ପଣ କରିଥିଲେ ତେବେ ହଦିସ୍‌ମାନଙ୍କର ଏହି ସମଷ୍ଟି ଆଉ କିଛି ସମୟ ପରେ ଅସଂଖ୍ୟା ଲୋକମାନଙ୍କୁ ବିଧର୍ମୀ ଓ ଧର୍ମଚ୍ୟୁତ କରିଦେଇ ଥାଆନ୍ତା । ସେହି ହଦିସ୍‌ଗୁଡ଼ିକ ତ' ଇସ୍‌ଲାମ୍ ଧର୍ମର ବିନାଶ ତଥା ଉନ୍ମୂଳନ ଓ ଭୟଙ୍କର ବିଧର୍ମୀତାର ମୂଳଦୁଆ ସ୍ଥାପନ କରିଦେଇଥିଲା। ଅପରପକ୍ଷେ ହଦିସ୍‌ଗୁଡ଼ିକ ଏହିପରି ଭାବରେ ଅକୃତ କାର୍ଯ୍ୟ ହୋଇ ରହି ଥାଆନ୍ତା ଏବଂ ସେଗୁଡ଼ିକର ଭିତ୍ତିହୀନ ଭବିଷ୍ୟତବାଣୀ ଯାହାକି କେବଳ ମିଥ୍ୟା, ଅନୁନ୍ନତ ଏବଂ ମିଥ୍ୟା ଗଳ୍ପ ଅଟନ୍ତି । କିଛି କାଳ ପରେ ଆଗାମୀ ବଂଶଧରଙ୍କ ସମ୍ମୁଖରେ ଏପରି ଅକୃତକାର୍ଯ୍ୟ ଭାବରେ ଉପସ୍ଥାପିତ ହୋଇଥାଆନ୍ତା ତେବେ ସ୍ୱଷ୍ଟ ରୂପେ ସନ୍ଦେହ ତଥା ଆଶଙ୍କା ସୃଷ୍ଟି ହୋଇଥାଆନ୍ତା ଯେ, ଇସ୍‌ଲାମ୍ ଧର୍ମ ମଧ୍ୟ ମିଥ୍ୟା ମହାଭାରତୀୟ ଧର୍ମ ପରି କେବଳ କଥା ଏବଂ କାହାଣୀ ଉପରେ ଆଧାରିତ, ଯାହାକି ଶ୍ରୀହୀନ ଓ ବିଧର୍ମୀ ଅଟେ । ଆଗାମୀ ବଂଶଧରାମାନଙ୍କୁ ଅତ୍ୟନ୍ତ ଥଟ୍ଟା ଓ ଉପହାସପୂର୍ବକ ଉକ୍ତ କଥା ଅତ୍ୟନ୍ତ ସାହସିକତାର ସହିତ କହିବା ନିମନ୍ତେ ସୁଯୋଗ ପ୍ରାପ୍ତ ହୋଇଥାଆନ୍ତା ଯେ, ଦଜ୍ଜାଲ୍‌ର ସୃଷ୍ଟିକର୍ତ୍ତା ଈଶ୍ୱର ! ଈଶ୍ୱରଙ୍କ ପୂର୍ଣ୍ଣ ବିଶିଷ୍ଟ ଗୁଣାବଳୀର ସମଷ୍ଟିରୁ ପୂର୍ଣ୍ଣ ଅଂଶ ପ୍ରଦାନକାରୀ ଧର୍ମ ମଧ୍ୟ କେବେ ବି ଧର୍ମର ଅଧିକାର, ଏକେଶ୍ୱରବାଦୀ ଧର୍ମ ବୋଲାଇବାର ଅଧିକାର ନିଜ ପାଖରେ ରଖିପାରିବ ? **(ମଲ୍‌ଫୁଜାତ୍, ଭାଗ-2, ପୃ-7, ସଂସ୍କରଣ ବର୍ଷ-2018 ମସିହା, ପ୍ରକାଶନ ସ୍ଥାନ-କାଦିଆନ୍)** ☆--☆--☆

**ସାହାବାମାନେ ଅଲ୍ଲାଃତାଲାଙ୍କ ନାମକୁ ଉଜ୍ଜ୍ୱଳ କରିବା ନିମନ୍ତେ ନିଜର ଭାବାବେଗର ବଳିଦାନ ଦେଇଥିଲେ । ଏପର୍ଯ୍ୟନ୍ତକି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ସାହାବି ଜୀବନ୍ତ ଇବ୍ରାହିମ୍ ଅ.ସ ପାଲଟିଗଲେ । ରସୁଲ୍ କରୀମ୍ ସ.ଅଙ୍କ ଐଶୀ ଶକ୍ତିରୁ ଆପଣ ସ.ଅଙ୍କ ଆଧ୍ୟାତ୍ମିକ ସନ୍ତାନଙ୍କ ମଧ୍ୟରେ ସହସ୍ର ସହସ୍ର ଇବ୍ରାହିମ୍ ଜନ୍ମଗ୍ରହଣ କଲେ । ସେମାନେ ସଂସାରବାସୀଙ୍କ ସମ୍ମୁଖରେ ସେହି ଦୃଶ୍ୟ ଉପସ୍ଥାପିତ କଲେ ଯେଉଁ ଦୃଶ୍ୟ ହ. ଇବ୍ରାହିମ୍ ଅ.ସ ଉପସ୍ଥାପିତ କରିଥିଲେ ।**

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ ସୁରତୁଲ୍ ହଜର ଆୟତ୍ ସଂଖ୍ୟା 27 وَاِذۡ بَوَّاۡنَا لِاِبۡرٰہِیۡمَ مَکَانَ الۡبَیۡتِ اَنۡ لَّا تُشۡرِکۡ بِیۡ شَیۡئًا وَّطَہِّرۡ بَیۡتِیَ لِلطَّآئِفِیۡنَ وَالۡقَآئِمِیۡنَ وَالرُّکَّعِ السُّجُوۡدِ ର ବ୍ୟାଖ୍ୟା କରି କୁହନ୍ତି:

ତହିଁରେ କୌଣସି ସଂଶୟ ନାହିଁ ଯେ, ସେମାନଙ୍କ ମଧ୍ୟରେ ଦୋଷ ଦୁର୍ବଳତା ଏବଂ ପୁଣ୍ୟାଭାବ ସୃଷ୍ଟି ହୋଇଯାଇଥିଲା । କିନ୍ତୁ ରସୁଲ୍ କରୀମ୍ ସ.ଅ ଯେତେବେଳେ ସେମାନଙ୍କ ମଧ୍ୟରେ ପବିତ୍ରତା ସୃଷ୍ଟି କଲେ ସେତେବେଳେ ସେହି ସେମାନଙ୍କ ମଧ୍ୟରୁ କେବଳ ହ. ଅବୁ ବକର ର.ଅ, ହ. ଉସମାନ୍ ର.ଅ ଓ ହ. ଅଲୀ ର.ଅଙ୍କ ଭଳି ବ୍ୟକ୍ତିତ୍ୱ ସୃଷ୍ଟି ହେଲେ ନାହିଁ ବରଂ ସହସ୍ର ସହସ୍ର ଲୋକ ସୃଷ୍ଟି ହେଲେ । ସେମାନଙ୍କ ମଧ୍ୟରେ ତଲ୍‌ହା ର.ଅଙ୍କ ଭଳି ଲୋକ ସୃଷ୍ଟି ହେଲେ । ସେମାନଙ୍କ ମଧ୍ୟରେ ଜୁବୈର୍ ର.ଅଙ୍କ ପରି ଲୋକ ସୃଷ୍ଟି ହେଲେ । ସେମାନଙ୍କ ମଧ୍ୟରେ ଅବ୍‌ଦୁର ରହମାନ ବିନ୍ ଔଫ୍ ର.ଅ ଙ୍କ ପରି ଲୋକ ସୃଷ୍ଟି ହେଲେ । ସେମାନଙ୍କ ମଧ୍ୟରେ ସାଆଦ୍ ର.ଅଙ୍କ ପରି ବ୍ୟକ୍ତି ସୃଷ୍ଟି ହେଲେ । ସେମାନଙ୍କ ମଧ୍ୟରେ ଅବୁ ଉବୈଦାହ୍ ର.ଅଙ୍କ ପରି ବ୍ୟକ୍ତି ସୃଷ୍ଟି ହେଲେ। ସେମାନଙ୍କ ମଧ୍ୟରେ ସାଆଦ୍ ର.ଅ ଓ ସଇଦ୍ ର.ଅଙ୍କ ପରି ବ୍ୟକ୍ତି ସୃଷ୍ଟି ହେଲେ । ସେମାନଙ୍କ ମଧ୍ୟରେ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କ ପରି ବ୍ୟକ୍ତି ସୃଷ୍ଟି ହେଲେ । ଏମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ଅଲ୍ଲାଃତାଲାଙ୍କ ନାମ (ଖ୍ୟାତା ବା ଯଶକୁ ଉଜ୍ଜ୍ୱଳ କରିବା ନିମନ୍ତେ ନିଜର ଭାବାବେଗର ଅତୁଳନୀୟ ବଳିଦାନ ଦେଇଥିଲେ । ଏପର୍ଯ୍ୟନ୍ତକି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଜୀବନ୍ତ ଇବ୍ରାହିମ୍ ଅ.ସ ପାଲିଟିଗଲା । ତହିଁରେ କୌଣସି ସଂଶୟ ନାହିଁ ଯେ, ଆଁହଜରତ ସ.ଅ ହ. ଇବ୍ରାହିମ୍ ଅ.ସଙ୍କ ସନ୍ତାନ ବା ହ. ଇବ୍ରାହିମ୍ ଅ.ସଙ୍କ ବଂଶଧର ମଧ୍ୟରୁ ଅନ୍ୟତମ ଅବତାର ଥିଲେ । ରସୁଲ୍ କରୀମ୍ ସ.ଅଙ୍କ ଐଶୀ ଶକ୍ତିରୁ ହିଁ ଆପଣ ସ.ଅଙ୍କ ଆଧ୍ୟାତ୍ମିକ ସନ୍ତାନମାନଙ୍କ ମଧ୍ୟରେ ସହସ୍ର ସହସ୍ର ଇବ୍ରାହିମ୍ ସୃଷ୍ଟି ହେଲେ । ଯେଉଁମାନେ ସଂସାରବାସୀଙ୍କ ସମ୍ମୁଖରେ ସେହି ଦୃଶ୍ୟ ଉପସ୍ଥାପନ କଲେ ଯେଉଁ ଦୃଶ୍ୟ ହ. ଇବ୍ରାହିମ୍ ଅ.ସ ଉପସ୍ଥାପିତ କରିଥିଲେ । ସୁତରାଂ ଅଲ୍ଲାଃତାଲା ଯେତେବେଳେ ହ. ଇସମାଇଲ୍ ଅ.ସଙ୍କୁ ମକ୍କାରେ ପ୍ରେରଣ କଲେ ସେତେବେଳେ ବାସ୍ତବରେ ଏହା ଆଁହଜରତ ସ.ଅଙ୍କ ପ୍ରସ୍ତୁତି ପର୍ବ ଥିଲା । ଅଲ୍ଲାଃତାଲା ହ. ଇବ୍ରାହିମ୍ ଅ.ସଙ୍କୁ କହିଲେ, ହେ ଇବ୍ରାହିମ୍ ! ତୁମ୍ଭେ ଆମ୍ଭର ଗୃହକୁ ପ୍ରସ୍ତୁତ ରଖ । କାରଣ ଆମ୍ଭର ପ୍ରିୟ ଓ ଆମ୍ଭର ଶେଷ ଧର୍ମ ବୈଧାନିକ ଅବତାରଙ୍କ ଆଗମନର ପ୍ରସ୍ତୁତିରେ ବ୍ୟସ୍ତ ହୋଇଯାଅ ଏବଂ ଆଜି ଠାରୁ ହିଁ ଏପରି ସନ୍ତାନ ଜନ୍ମ କର ଯିଏ ମୋର ପ୍ରିୟତମ ହ. ମୁହମ୍ମଦ ସ.ଅଙ୍କୁ ଅବୁ ବକର ର.ଅ ଦେବେ, ଯିଏ ମୋର ପ୍ରିୟତମ ହ. ମୁହମ୍ମଦ ସ.ଅଙ୍କୁ ମୋର ପ୍ରିୟତମ ଉସ୍‌ମାନ ର.ଅ ପ୍ରଦାନ କରିବ, ଯିଏ ମୋ ପ୍ରିୟତଙ୍କୁ ହ. ଅଲୀ ର.ଅ ପ୍ରଦାନ କରିବେ, ଯିଏ ମୋର ପ୍ରିୟତମଙ୍କୁ ହ. ତଲ୍‌ହା ବିନ୍ ଜୁବୈର୍, ହମ୍‌ଜା ର.ଅ ଓ ଅବ୍‌ବାସ୍ ର.ଅ ପ୍ରଦାନ କରିବେ । ସେହିପରି ଶତାଧିକ ସାହାବାମାନେ ତାହାଙ୍କ ସମକ୍ଷରେ ଭେଟି ସ୍ୱରୂପ ଉପସ୍ଥାପିତ କରିବେ । ସୁତରାଂ ଉପରୋକ୍ତ ଆୟତ୍‌ର ଏହି ଅର୍ଥ ରହିଥିଲା ଯେ, طَہِّرۡ بَیۡتِیَ لِلطَّآئِفِیۡنَ وَالۡقَآئِمِیۡنَ وَالرُّکَّعِ السُّجُوۡدِ । ଅନ୍ୟଥା ପ୍ରକାଶ୍ୟ ଅର୍ଥରେ ତ' ମକ୍କାବାସୀ ହ. ଇସମାଇଲ୍ ଅ.ସଙ୍କ ପରେ ଧର୍ମରେ କୌଣସି ବିଶେଷ ଉଦାହରଣ ପ୍ରଦର୍ଶନ କଲେ ନାହିଁ । ହଁ ଉକ୍ତ ଭବିଷ୍ୟତବାଣୀର ପ୍ରାଦୁର୍ଭାବ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ କାଳରୁ ହିଁ ଆରମ୍ଭ ହେବାର ଥିଲା । ଅତଃ ଅଲ୍ଲାଃତାଲା ହ. ଇସ୍‌ମାଇଲ୍ ଅ.ସଙ୍କୁ ମକ୍କାରେ ଆଣି ଅବସ୍ଥାନ କରାଇଲେ । କାରଣ ହ. ଇସମାଇଲ୍ ଅ.ସ ଏପରି ସନ୍ତାନ ସୃଷ୍ଟି କରନ୍ତୁ ଯେଉଁମାନେ ରସୁଲ୍ କରୀମ୍ ସ.ଅଙ୍କ ଧର୍ମର ସେବା କରିବେ ଏବଂ ନିଜକୁ ଅଲ୍ଲାଃତାଲାଙ୍କ ପ୍ରତାପର ପରିପ୍ରକାଶ କରିବା ନିମନ୍ତେ ଉତ୍ସର୍ଗ କରିଦେବେ। **(ତଫସିର୍ କବିର୍, ଭାଗ-6, ପୃ-27, ପ୍ରକାଶନ ସ୍ଥାନ-2010, କାଦିଆନ୍)**

☆--☆--☆

**ବିଗତ ସଂଖ୍ୟା-22ରେ ପ୍ରକାଶିତ ଖୁତ୍‌ବା ଜୁମା, ତା-24-04-24, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ**

ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ ଆଉ ଏକ ଦୁଆ ରହିଛି ଯାହାକୁ ଆପଣ ଅ.ସ ପୈଗାମେ ସୁଲାହ୍‌ରେ ଉଲ୍ଲେଖ କରିଥିଲେ । ତେଣୁ ଏଥିପ୍ରତି ମଧ୍ୟ ଆମମାନଙ୍କୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି;

"ହେ ମୋର ସର୍ବଶକ୍ତିମାନ ଈଶ୍ୱର ! ହେ ମୋ ପ୍ରିୟ ମାର୍ଗଦର୍ଶକ !! ତୁମ୍ଭେ ଆମ୍ଭମାନଙ୍କୁ ସେହି ମାର୍ଗ ଦେଖାଅ ଯେଉଁ ମାର୍ଗରେ ଅଗ୍ରସର ହୋଇ ସତ୍ୟବାଦୀ, ପବିତ୍ରବାଦୀ ତୁମ୍ଭକୁ ପ୍ରାପ୍ତ କରିଥାଆନ୍ତି। ତୁମ୍ଭେ ଆମ୍ଭମାନଙ୍କୁ ସେହି ମାର୍ଗରୁ ରକ୍ଷା କର ଯାହାର ଅଭିପ୍ରାୟ କେବଳ ଯୌନ ପ୍ରାପ୍ତି ଅଟେ କିମ୍ବା ବିଦ୍ୱେଷ, ଈର୍ଷା ଓ ସାଂସାରିକ ଈର୍ଷା ଏବଂ ସଂସାରିକ ପ୍ରାପ୍ତିର ଲାଳସା ଓ କାମନା ଅଟେ ।"

**(ପୈଗାମେ ସୁଲାହ୍, ରୁହାନୀ ଖଜାଏନ୍, ଭାଗ-23, ପୃ-439)**

ତେଣୁ ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ତେଣୁ ଧର୍ମକୁ ପ୍ରାଧାନ୍ୟ ଦେବା ଉଚିତ୍ । ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଉପଦେଶ ଦେଇ ଆପଣ ଅ.ସ କୁହନ୍ତି: "ସବୁଠାରୁ ଉତ୍ତମ ଏବଂ ଉତ୍କୃଷ୍ଟ ଦୁଆ ଏହିକି ଯେ, ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ପାପରୁ ମୁକ୍ତି ପ୍ରାପ୍ତ କରିବା ଉଚିତ୍ । କାରଣ ପାପ ଦ୍ୱାରା ହିଁ ହୃଦୟ କଠୋର ହୋଇଯାଇଥାଏ ଏବଂ ମନୁଷ୍ୟ ସଂସାର କୀଟ ପାଲଟି ଯାଇଥାଏ । ଆମମାନଙ୍କର ଦୁଆ ଏହା ହେବା ଉଚିତ୍ ଯେ, ଆମମାନଙ୍କ ଦ୍ୱାରା ଯେଉଁ ପାପ କର୍ମ ସମ୍ପାଦିତ ହୋଇଥାଏ ଯାହାକି ଆମମାନଙ୍କ ହୃଦୟକୁ କଠୋର ଏବଂ କ୍ରୁର କରି ଦେଇଥାଏ ତହିଁରୁ ଅଲ୍ଲାଃତାଲା ଆମମାନଙ୍କୁ ଦୂରେଇ ରଖନ୍ତୁ ଏବଂ ନିଜର ପ୍ରସନ୍ନତା ତଥା ନିଜର ଅନୁଗ୍ରହତା ପ୍ରାପ୍ତ କରିବାର ମାର୍ଗ ଉପରେ ଆମମାନଙ୍କୁ ପରିଚାଳିତ କରାନ୍ତୁ ।"**(ମଲ୍‌ଫୁଜାତ୍ ଭାଗ-7, ପୃ-39, ପ୍ରକାଶନ ବର୍ଷ-1984 ମସିହା)**

ସେହିପରି ଆପଣ ଅ.ସଙ୍କ ଆଉ ଏକ ଦୁଆ ରହିଛି ଆପଣ ଅ.ସ କୁହନ୍ତି: "ହେ ଈଶ୍ୱର ! ଆମ୍ଭେ ତୁମ୍ଭର ଦୋଷୀ ଭକତ ଅଟୁ ଓ ଆମ ଉପରେ ପ୍ରବର୍ତ୍ତାଉଥିବା ଆତ୍ମା କର୍ତ୍ତୃତ୍ୱ ବିସ୍ତାର କରିଛି । ତୁମ୍ଭେ ଆମ୍ଭମାନଙ୍କୁ କ୍ଷମା କରିଦିଅ ଓ ଶେଷ ଦିବସର ବିପତ୍ତିରୁ ଆମ୍ଭମାନଙ୍କୁ ଉଦ୍ଧାର କର ।" **(ଅଖ୍‌ବାର୍, ଅଲ୍ ବଦର, ଭାଗ-2, ପୃ-30)**

ସଂସାରିକ ସଂଶୋଧନ କରିବାର ବ୍ୟଥା ସଂକ୍ରାନ୍ତରେ ଆପଣ ଅ.ସଙ୍କର ଏକ ଦୁଆର ଚର୍ଚ୍ଚା ଏହିପରି ମିଳେ ଯେ, "ହେ ସର୍ବଶକ୍ତିମାନ ଈଶ୍ୱର ! ଅନାଦି କାଳରୁ ତୁମ୍ଭର ଏହି ପରମ୍ପରା ରହି ଆସିଛି ଯେ, ତୁମ୍ଭେ ପିଲାମାନଙ୍କୁ ଏବଂ ଅଶିକ୍ଷିତମାନଙ୍କୁ ବୋଧତ୍ୱ ପ୍ରଦାନ କରିଥାଅ ଏବଂ ସେହି ସଂସାରର ଚିକିତ୍ସକ ଓ ଦାର୍ଶନିକମାନଙ୍କ ଚକ୍ଷୁରେ ଓ ହୃଦୟରେ ଅତ୍ୟନ୍ତ ଅନ୍ଧକାରମୟ ପରଦା ପକାଇ ଦେଇଥାଅ । କିନ୍ତୁ ମୁଁ ତୁମ୍ଭ ସମ୍ମୁଖରେ ଅତ୍ୟନ୍ତ ବିନୀତ ଓ କାକୁତି ମିନତୀ ହୋଇ ନିବେଦନ କରୁଛି ଯେ, ହେ ପ୍ରଭୁ! ତୁମ୍ଭେ ସେହି ଲୋକମାନଙ୍କ ମଧ୍ୟରୁ ବି ଦଳେ ଗୋଷ୍ଠୀଙ୍କୁ ଆମ୍ଭ ଆଡ଼କୁ ଆକର୍ଷିତ କରିଆଣ । ଅର୍ଥାତ୍ ଯେଉଁମାନେ ଉଚ୍ଚ ଶିକ୍ଷିତ ଅଟନ୍ତି । ଯେପରି ତୁମ୍ଭେ କେତେକ ଗୋଷ୍ଠୀ ତଥା କେତେକ ବ୍ୟକ୍ତିମାନଙ୍କୁ ଆକର୍ଷିତ କରିଥିଲ ଠିକ୍ ସେହିପରି ସେହି ଲୋକମାନଙ୍କ ମଧ୍ୟରୁ ଦଳେ ଜମାଅତ୍ ବା ଗୋଷ୍ଠୀଙ୍କୁ ଆମମାନଙ୍କ ଆଡ଼କୁ ଆକର୍ଷିତ କିରଆଣ। ସେମାନଙ୍କୁ ମଧ୍ୟ ଚକ୍ଷୁ ପ୍ରଦାନ କର, ସେମାନଙ୍କୁ କର୍ଣ୍ଣ ପ୍ରଦାନ କର, ସେମାନଙ୍କୁ ହୃଦୟ ପ୍ରଦାନ କର । ସେମାନେ ଦେଖି ନିଅନ୍ତୁ, ଶୁଣି ନିଅନ୍ତୁ, ବୁଝି ନିଅନ୍ତୁ ଏବଂ ତୁମ୍ଭର ସେହି ପୁରସ୍କାର ତଥା ଅବଦାନ ଯାହା ତୁମ୍ଭେ ଯଥା ସମୟରେ ଅବତୀର୍ଣ୍ଣ କରିଅଛ । (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣ ହୋଇ ଆସିବା) ସେହି ପ୍ରତିଶ୍ରୁତ ମସିହ୍‌ଙ୍କ ମର୍ଯ୍ୟାଦା ତଥା ତାହାଙ୍କ ମୂଲ୍ୟକୁ ଉପଲବ୍ଧି କରି ତାହାଙ୍କୁ ପ୍ରାପ୍ତ କରିବା ନିମନ୍ତେ ଧ୍ୟାନ ଦେବା ଉଚିତ୍ । ତୁମ୍ଭେ ଯଦି ଚାହିଁବ ତାହାହେଲେ ତୁମ୍ଭେ ଏପରି କରିପାରିବ । କାରଣ କୌଣସି ପ୍ରସଙ୍ଗ ଏବଂ କୌଣସି କଥା ତୁମ୍ଭ ସମ୍ମୁଖରେ ଅଘଟଣୀୟ/ଅକରଣୀୟ ନୁହେଁ । **ଆମିନ୍** ।" **(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-120)**

ସଂସାରର ଓ ବିଶେଷ କରି ମୁସଲମାନ ସଂପ୍ରଦାୟର ସଂଶୋଧନ ହେବ ଏବଂ ହ. ମସିହ୍ ମଉଦ୍ ଅ.ଙ୍କ ଆଡ଼କୁ ଧ୍ୟାନ ସୃଷ୍ଟି ହେବ । ତେବେ ଯାଇ ସେମାନଙ୍କର ହଜି ଯାଇଥିବା ଖ୍ୟାତି ତଥା ଯଶ ସେମାନଙ୍କୁ ପୁନଃ ମିଳିବ ଏବଂ ସଂସାରରେ ଆଜି ପ୍ରତ୍ୟେକଟି ସ୍ଥାନରେ ସେମାନଙ୍କର ଯେଉଁ ତିରସ୍କାର ହେଉଛି ତହିଁରୁ ମଧ୍ୟ ସେମାନେ ମୁକ୍ତିଲାଭ ପାଇବେ । ଅଲ୍ଲାଃତାଲା ଆମମାନଙ୍କର ନେତାମାନଙ୍କୁ ଓ ବିଦ୍ୱାନମାନଙ୍କୁ ମଧ୍ୟ ସଦବୁଦ୍ଧି ପ୍ରଦାନ କରନ୍ତୁ । ସେମାନଙ୍କ ମଧ୍ୟରୁ ବି ଏପରି କେତେକ ପୁଣ୍ୟ ସ୍ୱଭାବର ବ୍ୟକ୍ତିମାନେ ଥିବେ ଅଲ୍ଲାଃତାଲା ସେମାନଙ୍କୁ ଏହି ଆଡ଼କୁ (ଏହି ସଂପ୍ରଦାୟ ଆଡ଼କୁ) ଟାଣି ଆଣନ୍ତୁ । ସୁତରାଂ ଆମମାନଙ୍କୁ ଅତ୍ୟନ୍ତ ବେଦନାପୂର୍ଣ୍ଣ ହୋଉ ଉପରୋକ୍ତ ଦୁଆ ମଧ୍ୟ କରିବା ଉଚିତ୍ ।

ସେହିପରି ଆପଣ ଅ.ଙ୍କ ଅନ୍ୟ ଦୁଆର ଚର୍ଚ୍ଚା ଏହିପରି ମିଳେ ଯେ, ହ. ନଓ୍ୱାବ୍ ମୁହମ୍ମଦ୍ ଅଲୀ ଖାନ ସାହେବଙ୍କୁ ଏକ ପତ୍ରରେ ଆପଣ ଅ.ସ ଏହା ଉଲ୍ଲେଖ କରିଥିଲେ ଯେ, ତୁମେ ବହୁତ ଦୁଆ କର ଏବଂ ବିନୀତତାକୁ ନିଜର ଅଭ୍ୟାସ କରିନିଅ । ଯେଉଁ ଦୁଆ ପ୍ରଥା ବା ପରମ୍ପରା ସ୍ୱରୂପ ତୁଣ୍ଡରୁ କରାଯାଇଥାଏ ତାହା କୌଣସି ବସ୍ତୁ ନୁହେଁ । ଅର୍ଥାତ୍ ଯେଉଁ ଦୁଆ ପ୍ରଥା ବା ପରମ୍ପରା ସ୍ୱରୂପେ ତୁଣ୍ଡରୁ କରାଯାଇଥାଏ ତାହାର କୌଣସି ମୂଲ୍ୟ ନାହିଁ କି ତାହାର କୌଣସି ଅସ୍ତିତ୍ୱ ନାହିଁ । ଯେତେବେଳେ ତୁମେମାନେ ଦୁଆ କରିବାକୁ ଯାଅ ବା ଦୁଆ କରିବାକୁ ବାହାର ସେତେବେଳେ ଫରଜ୍ ନମାଜ ବ୍ୟତୀତ ତୁମେମେମାନେ ଏହି ପନ୍ଥା ଆପଣାଅ ଯେ, ନିଜର ଏକାନ୍ତରେ ଯାଇ ନିଜ ଭାଷାରେ ହିଁ ଅତ୍ୟନ୍ତ ବିନମ୍ରତା ଓ ବିନୀତତାର ସହିତ ଦୁଆ କର । ଅର୍ଥାତ୍ କେବଳ ଫରଜ୍ ନମାଜ୍ ନୁହେଁ ବରଂ ନଫିଲ୍ ନମାଜରେ ମଧ୍ୟ ଅତ୍ୟନ୍ତ ବିନୀତତାର ସହିତ "ଯେପରିକି ଏକ ତୁଚ୍ଛ ଭକ୍ତ ବା ବ୍ୟକ୍ତି ଈଶ୍ୱରଙ୍କ ସମ୍ମୁଖରେ ଦୁଆ କରିଥାଏ ଠିକ୍ ସେହିପରି ତୁମେମାନେ ମଧ୍ୟ ତାହାଙ୍କ ସମ୍ମୁଖରେ ଦୁଆ କର । ଅର୍ଥାତ୍ କୁହ ଯେ, "ହେଆମ୍ଭର ପାଳନ **(ଅବଶିଷ୍ଟାଂଶ..ପୃ-12ରେ)**

# (ଖୁତ୍‌ବା ଜୁମା)

ବୈଅତ୍‌ର କର୍ତ୍ତବ୍ୟ ସମ୍ପାଦନ କରିବା କୌଣସି ସାଧାରଣ କଥା ନୁହେଁ । ଏହା ସେତେବେଳେ ଚରିତାର୍ଥ ହେବ ଯେତେବେଳେ ଆମେମାନେ ପ୍ରତ୍ୟେକଟି ମୁହୂର୍ତ୍ତ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବା ନିମନ୍ତେ ଉଦ୍ୟମ କରୁଥିବୁ ।

ଜଲ୍‌ସା ସାଲାନାରେ ସାମିଲା ହେବାର ସବୁଠୁ ବଡ଼ ଅଭିପ୍ରାୟ ଏହିକି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ସାମିଲ୍ ହୋଇଥିବା ବ୍ୟକ୍ତିମାନେ ଧାର୍ମିକ ବିଦ୍ୟା ଶିଖନ୍ତୁ, ଆଧ୍ୟାତ୍ମିକତାରେ ଉନ୍ନତି କରନ୍ତୁ, ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ ଓ ପ୍ରେମରେ ବୃଦ୍ଧି କରନ୍ତୁ, ରସୁଲ୍ କରୀମ୍ ସ.ଅଙ୍କ ପୂର୍ଣ୍ଣ ରୂପେ ଆଜ୍ଞାକାରୀ ବ୍ୟକ୍ତିରେ ପରିଗଣିତ ହେବା ନିମନ୍ତେ, ଆପଣ ସ.ଅଙ୍କ ସହିତ ପ୍ରେମ ସଂପର୍କ, ସାଂସାରିକ ପ୍ରେମ ଶୀତଳ ଓ ଶିଥିଳ ହେଉ ଓ ଧର୍ମକୁ ସାଂସାରିକତା ଉପେରେ ପ୍ରାଧାନ୍ୟ ଦେବା ଉଚିତ୍ ।

କ'ଣ ଆମେମାନେ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ମାର୍ଜିତ କରିବା ସହିତ, ନିଜର ସନ୍ତାନମାନଙ୍କୁ ମଧ୍ୟ ଧର୍ମ ସହିତ ସଂଶ୍ଳିଷ୍ଟ ରଖିବା ନିମନ୍ତେ ବିଶେଷ ପ୍ରକାରର ଉଦ୍ୟମ କଲୁ କି ?

ଆମେମାନେ ସେହି ନୈଷ୍ଠିକ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବୁ ଯେପରି ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କ ଠାରୁ ଆଶା କରିଛନ୍ତି, ଆମେମାନେ ଯଦି ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ମାର୍ଜିତ କଲୁ ତେବେ ଏହା ହିଁ ସେହି ପ୍ରକୃତ କୃତଜ୍ଞତା ଅଟେ ଯାହାକି ଶହେ ବର୍ଷ ପୂର୍ତ୍ତି ଅବସରରେ ଆମେମାନେ କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇ ପାରିବୁ । ଏହିସବୁ କଥା ଜଣେ ଅହେମଦି ଠାରୁ ଆଶା କରାଯାଇପାରିବ । ଯଦି ନୁହେଁ ତେବେ କେବଳ ସାଂସାରିକ ପ୍ରଥା ଓ ପରମ୍ପରା ଅନୁଯାୟୀ ଶହେ ବର୍ଷ ପୂର୍ତ୍ତି ହେବା ପରେ ମଧ୍ୟ ସେହି ପ୍ରସନ୍ନତା ମୂଲ୍ୟହୀନ ଅଟେ ।

ସେ ଯେକୌଣସି ପ୍ରସଙ୍ଗ ହେଉ ନା କାହିଁକି ଧର୍ମକୁ ପ୍ରାଧାନ୍ୟ ଦିଅନ୍ତୁ, ସଂସାରିକତା ପ୍ରାପ୍ତି ମୂଳ ଉଦ୍ଦେଶ୍ୟ ନହେବା ଉଚିତ୍, ପ୍ରକୃତ ଅଭିପ୍ରାୟ ଧର୍ମ ହେବା ଉଚିତ୍ । ଏପରି ହେବା ଦ୍ୱାରା ସାଂସାରିକ କାର୍ଯ୍ୟ ମଧ୍ୟ ଧାର୍ମିକ କାର୍ଯ୍ୟ ହୋଇଯିବ ।

ଯେଉଁ ବ୍ୟକ୍ତି ଶୈକ୍ଷିକ ଉନ୍ନତିର ଅଭିଳାଷୀ ତା' ପକ୍ଷେ ଏହା ଉଚିତ୍ ଯେ, ସେ ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ପାଠ କରୁ ।

ଆମମାନଙ୍କୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ । କାରଣ ଏପରି କେତେକ ଲୋକମାନେ ଅଛନ୍ତି ଯେଉଁମାନେ ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ପାଠ କରୁଛନ୍ତି, ଏହାର ତିଲାଓତ୍ କରୁଛନ୍ତି ଓ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି ?

ଭରସାର ସହିତ ପ୍ରତ୍ୟେକ ଅହେମଦିକୁ ପବିତ୍ର କୁରଆନ୍ କରୀମ୍‌କୁ ବ୍ୟବହାର କରିବା ଉଚିତ୍ । ପବିତ୍ର କୁରଆନ୍ କରୀମ୍ ଯେଉଁଠି ଆମମାନଙ୍କ ସଂସ୍କାର ନିମନ୍ତେ ମାର୍ଗଦର୍ଶକ ଅଟେ, ସେଠାରେ ଏହା ଅନ୍ୟମାନଙ୍କର ଆପତ୍ତିର ଉତ୍ତର ପ୍ରଦାନ କରିବା ନିମନ୍ତେ ମଧ୍ୟ ଏକ ବଳିଷ୍ଠ ଅସ୍ତ୍ର ଅଟେ ।

ପ୍ରତ୍ୟେକ ଅହେମଦିକୁ ଆତ୍ମ ସମୀକ୍ଷା କରିବା ଉଚିତ୍ ଯେ, ତା' ନମାଜର ଅବସ୍ଥା କିପରି ରହିଛି ? ଯଦି ଆମମାନଙ୍କର ଏହି ଅବସ୍ଥା ସଠିକ୍ ହୋଇଗଲା ଓ ଅଲ୍ଲାଃତାଲାଙ୍କ ସହିତ ଆମମାନଙ୍କର ଏହିପରି ସଂପର୍କ ସ୍ଥାପନ ହୋଇଗଲା ତେବେ ଏହା ହେଉଛି ସେହି ଅବସ୍ଥା ଯହିଁରୁ ଆମମାନଙ୍କୁ ପ୍ରକୃତ ଆନନ୍ଦ ମିଳିବ ।

ଆମେମାନେ ଯଦି ଧାର୍ମିକ ଜ୍ଞାନ ପ୍ରତି ଧ୍ୟାନ ଦେଉ ତେବେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସରେ ମଧ୍ୟ ଆମେମାନେ ଉନ୍ନତି କରିବୁ ଏବଂ ଇସ୍‌ଲାମ୍ ଓ ଅହେମଦିୟତ୍‌ର ସତ୍ୟତା ଉପରେ ମଧ୍ୟ ବିଶ୍ୱାସରେ ଆମେମାନେ ଅଗ୍ରଗତି କରିବୁ, ନିଜର ସନ୍ତାନମାନଙ୍କର ବିଶ୍ୱାସର ମଧ୍ୟ ସୁରକ୍ଷାକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ ।

"ଯେଉଁ ଲୋକମାନେ ମୋତେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଯେଉଁମାନେ ମୋ ଉପରେ ଆପତ୍ତି କରୁଛନ୍ତି ସେମାନେ ମୋତେ ଚିହ୍ନିଲେ ନାହିଁ । ଯେଉଁମାନେ ମୋତେ ସ୍ୱୀକାର କଲେ ଏବଂ ପୁନଶ୍ଚ ଯିଏ ମୋ ଉପରେ ଆପତ୍ତି କଲା ତେବେ ସେ ଆହୁରି ହତଭାଗ୍ୟ ବ୍ୟକ୍ତି ଅଟେ । ଅର୍ଥାତ୍ ସତ୍ୟକୁ ଦେଖିବା ପରେ ମଧ୍ୟ ସେ ଅନ୍ଧ ହୋଇ ରହିଲା ଚିହ୍ନି ପାରିଲା ନାହିଁ । ବାସ୍ତବତା ଏହିକି ଯେ, ସମକାଳୀନତା ମଧ୍ୟ ମର୍ଯ୍ୟାଦାକୁ ହ୍ରାସ କରିଦେଇଥାଏ ।"

"ମୋ ଆଗମନର ପ୍ରକୃତ ଅଭିପ୍ରାୟ ଏବଂ ପ୍ରକୃତ ଉଦ୍ଦେଶ୍ୟ ଏହିକି ଯେ, ଏକେଶ୍ୱରବାଦ, ଚାରିତ୍ରିକତା ଓ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର ।"

ଆମେମାନେ ଯେତେବେଳେ ମସ୍‌ଜିଦ୍ ନିର୍ମାଣ କରୁ ସେତେବେଳେ ସେହି ମସ୍‌ଜିଦକୁ ନମାଜ୍ ପାଠକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖିବା ପ୍ରତି ମଧ୍ୟ ଚିନ୍ତା କରିବା ଉଚିତ୍ । ଉତ୍ତମ ଚରିତ୍ରର ପରିପ୍ରକାଶ ପାରସ୍ପରିକ ସଂପର୍କ ମଧ୍ୟରେ ହେବା ଉଚିତ୍ ।

ପରବର୍ତ୍ତୀ ଶତାବ୍ଦୀର ଟାର୍ଗେଟ୍ ଏହି ସଂକ୍ଷିପ୍ତ କାର୍ଯ୍ୟସୂଚୀ ରହିଛି ଯାହାକୁ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ପ୍ରକାଶରେ ବର୍ଣ୍ଣନା କରିଛି । ଆମେମାନେ ଏହି ପ୍ରତିଜ୍ଞା କରି ଏଠାରୁ ଉଠିବା ଉଚିତ୍ ଯେ, ଆମେମାନେ ସଂସାରକୁ ଜୟ କରିବାର ଅଛି, ଏହି ସଂସାରକୁ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ସ୍ୱୀକାରୋକ୍ତି ପ୍ରକାଶକାରୀ କରିବାର ଆବଶ୍ୟକତା ରହିଛି, ସଂସାରକୁ ଆଁହଜରତ ସ.ଅଙ୍କ ପାଦ ତଳେ ଆଣି ପକାଇବାର ଅଛି । ସୁତରାଂ ଏସଂପର୍କରେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ଏବଂ ନୂତନ ସଂକଳ୍ପର ସହିତ ଜର୍ମାନୀର ଜମାଅତ୍ ଅହେମଦିୟାକୁ ନୂତନ ଶତାବ୍ଦୀରେ ପ୍ରବିଷ୍ଟ ହେବା ଉଚିତ୍ । କାରଣ ଆମେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଇ ଉକ୍ତ ଅଭିପ୍ରାୟକୁ ପ୍ରାପ୍ତ କରିବା ପ୍ରତି ଭରପୂର ଉଦ୍ୟମ କରିବା ଉଚିତ୍ ଏବଂ ନିଜର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଏହି ଉପଦେଶ ଦେଉଥିବୁ ଏବଂ ସେମାନଙ୍କର ଏହିପରି ସଂସ୍କାର କରିବୁ ଯେ, ଅଲ୍ଲାଃତାଲାଙ୍କ ସହିତ ସଂପର୍କର ଏହି ଜାଗରଣ ଗୋଟିଏ ପିଢୀରୁ ଅନ୍ୟ ପିଢୀରେ ସ୍ଥାନାନ୍ତରିତ ହୋଇଯାଉ । ଏଥିନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍** ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ତାତ୍ତ୍ୱିକପୂର୍ଣ୍ଣ ଆଦେଶାବଳୀର ପ୍ରକାଶରେ ଜଲସା ସାଲାନାରେ ସାମିଲ୍ ହେବାର ଅଭିପ୍ରାୟର ଓ ଜମାଅତ ଅହେମଦିୟା ଜର୍ମାନୀ ପାଇଁ ନୂତନ ଶତାବ୍ଦୀର ଟାର୍ଗେଟ୍ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 01 SEPTEMBER 2023 ମସିହା ଅନୁଯାୟୀ ୦୧ ତୁବୁକ୍/୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ଜଲସା ଗାହ୍ (Messe Stuttgart), ଜର୍ମାନୀ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: **ଅଲ୍‌ହମ୍‌ଦୁ ଲିଲ୍ଲାଃ** ଆଜି ଜମାଅତ୍ ଅହେମଦିୟା ଜର୍ମାନୀର ଜଲ୍‌ସା ସାଲାନା ଚାରି ବର୍ଷର କଟକଣା ପରେ ବ୍ୟାପକ ସ୍ତରରେ ଆୟୋଜିତ ହେଉଅଛି । ଅଲ୍ଲାଃତାଲା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜଲ୍‌ସାର ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ସେମାନେ ଏହି କଥା ଉପରେ ପ୍ରସନ୍ନ ହୋଇଯାଆନ୍ତୁ ନାହିଁ ଯେ, ଅଲ୍ଲାଃତାଲା ଆମମାନଙ୍କୁ ପୁନଃ ଏଠାରେ ଏକତ୍ରିତ ହେବାର ସୁଯୋଗ ପ୍ରଦାନ କରିଛନ୍ତି, ଆମେମାନେ ପରସ୍ପରକୁ ଭେଟିନେବୁ, କିଛି ମୌଜ ମଜ୍‌ଲିସ୍ କରିନେବୁ ବାସ୍ । ନାଁ ! ବରଂ ଜଲ୍‌ସା ଆୟୋଜନ ଏକ ବୃହତ୍ ଅଭିପ୍ରାୟ ଯାହା ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ କହିଛନ୍ତି ଏବଂ ଅତ୍ୟନ୍ତ ଭାବପୂର୍ଣ୍ଣ ଭାବରେ ଉକ୍ତ କଥାର ପରିପ୍ରକାଶ ମଧ୍ୟ କରିଛନ୍ତି। ତାହା ଏହିକି ଯେ, ଆପଣ ଅ.ସଙ୍କ ବୈଅତ୍‌ରେ ସାମିଲ୍ ହୋଇ ଧାର୍ମିକ ଶିକ୍ଷା

ଆହରଣ କରନ୍ତୁ, ଆଧ୍ୟାତ୍ମିକତାରେ ଉନ୍ନତି କରନ୍ତୁ । ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରି ପ୍ରେମର ଉନ୍ନତି କରନ୍ତୁ । ରସୁଲ୍ କରୀମ୍ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତ୍ୱତା ପ୍ରକାଶକାରୀ ବ୍ୟକ୍ତି ରୂପେ ବିବେଚିତ ହେବା ଉଚିତ୍ । ଆପଣ ସ.ଅଙ୍କ ସହିତ ପ୍ରେମ ତଥା ଆନ୍ତରୀକତାପୂର୍ଣ୍ଣ ସଂପର୍କ ହେବା ଉଚିତ୍ । ସଂସାରିକ ପ୍ରେମ ବା ସାଂସାରିକ ମୋହ ପ୍ରଶମିତ ଏବଂ ଶିଥିଳ ହୋଇଯାଉ ଏବଂ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବା ଉଚିତ୍ ।

ଆପଣ ଅ.ସ ଏକ ଅବସରରେ କୁହନ୍ତି: "ଏହି ସଂପ୍ରଦାୟରେ ପ୍ରବିଷ୍ଟ ହୋଇ ବୈଅତ୍ କରିଛନ୍ତି ସେହିମାନଙ୍କୁ ଏହି ବିନୀତ ପ୍ରକାଶ କରିଦେଉଛି ଯେ, ବୈଅତ୍ କରିବାର ଅଭିପ୍ରାୟ ଏବଂ ପ୍ରୟୋଜନୀୟତା କ'ଣ ? ବୈଅତ୍ କରିବାର ଅଭିପ୍ରାୟ ଏହିକି ଯେ, ସାଂସାରିକତା ପ୍ରେମ ଶିଥିଳ ଓ ପ୍ରଶମିତ ହୋଇଯାଉ ଏବଂ ନିଜର ଅଶେଷ ଦୟାବାନ ଓ ପ୍ରିୟ ମୁନିବ ମୁହମ୍ମଦ ସ.ଅଙ୍କ ପ୍ରେମ ହୃଦୟରେ କର୍ତ୍ତୃତ୍ୱ ଓ ବିସ୍ତାର ଲାଭ କରୁ ।" **(ଆସ୍‌ମାନୀ ଫୈସ୍‌ଲା, ରୁହାନୀ ଖଜାଏନ୍, ଭାଗ-4, ପୃ351)**

ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ଆସିଥିବା ବ୍ୟକ୍ତିମାନଙ୍କର ଏହି ଉଦ୍ୟମ ହେବା ଉଚିତ୍ ଯେ, ସେମାନେ ସେହି ନୈଷ୍ଠିକ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବେ ଯାହାଙ୍କ ଉପରେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ସ.ଅଙ୍କ ପ୍ରେମ କର୍ତ୍ତୃତ୍ୱ ବିସ୍ତାର କଲେ ଏବଂ ଆମର ପ୍ରତ୍ୟେକ ଆଚରଣ ଓ ଉଚ୍ଚାରଣରୁ ଏହାର ପରିପ୍ରକାଶ ମଧ୍ୟ ହେଉଥିବା ଉଚିତ୍ । ଚଳିତ୍ ବର୍ଷ ଜମାଅତ୍ ଅହେମଦିୟାକୁ ଜର୍ମାନୀରେ ସ୍ଥାପିତ ହେବାକୁ ଏକଶତ ବର୍ଷ ପୂର୍ତ୍ତି ହୋଇଯାଇଛି । ଜର୍ମାନୀ ଜମାଅତ୍‌ର ସଦସ୍ୟବୃନ୍ଦ ଉକ୍ତ କଥା ଉପରେ ଅତ୍ୟନ୍ତ ଉତ୍ତେଜିତ ମଧ୍ୟ ଅଟନ୍ତି, ଆନନ୍ଦିତ ମଧ୍ୟ ଅଛନ୍ତି ଯେ, ସେମାନଙ୍କ ଜମାଅତ୍‌କୁ ଚଳିତ ବର୍ଷ ଏକଶତ ବର୍ଷ ପୂର୍ତ୍ତି ଅବସରରେ ସେମାନେ ଜଲ୍‌ସା ସାଲାନା କରୁଛନ୍ତି। ଅନେକ ଲୋକମାନେ ଆନନ୍ଦର ପରିପ୍ରକାଶ କରିଛନ୍ତି । ନିଃସନ୍ଦେହ ରୂପେ ଏହା ଅତ୍ୟନ୍ତ ଆନନ୍ଦର କଥା ଯେ, ଅଲ୍ଲାଃତାଲା ଆଜକୁ ଶହେ ବର୍ଷ ପୂର୍ବେ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ସୁନ୍ଦର ବାର୍ତ୍ତାକୁ ଏହି ଦେଶରେ କେବଳ ପହଞ୍ଚାଇ ଥିଲେ ତାହା ନୁହେଁ ବରଂ ଆପଣ ଅ.ସଙ୍କ ଜୀବନରେ ମଧ୍ୟ ଏହି ବାର୍ତ୍ତା ପହଞ୍ଚି ଯାଇଥିଲା । ଅତଃ ସନ୍ଦେଶ ଆସିବାକୁ ଶହେ ବର୍ଷରୁ ଉର୍ଦ୍ଧ୍ୱ କାଳ ଅତିବାହିତ ହୋଇସାରିଛି । କିନ୍ତୁ ତତ୍‌ସହିତ ଆମମାନଙ୍କୁ ଏହା ମଧ୍ୟ ଅବଲୋକନ କରିବା ଉଚିତ୍ ଓ ଭାବିବା ଉଚିତ୍ ଯେ, ଏହି ଶହେ ବର୍ଷ ମଧ୍ୟରେ ଆମେମାନେ କ'ଣ ଉପଲବ୍ଧି କଲୁ ଓ କ'ଣ ପ୍ରାପ୍ତ କଲୁ, ଆମେମାନେ ନିଜର ବିଶ୍ୱାସକୁ କେଉଁ ସ୍ତର ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କଲୁ ?

ଯେତେବେଳେ ଜମାଅତ୍ ଏଠାରେ ଆରମ୍ଭ ହେଲା ସେତେବେଳେ କେବଳ କିଛି ଲୋକମାନେ ଉକ୍ତ ଜମାଅତ୍‌ରେ ଥିଲେ । ପୁନଶ୍ଚ ପାକିସ୍ତାନର ଅବସ୍ଥା ପରିବର୍ତ୍ତନ ହେବାକୁ ଲାଗିଲା, ସଂସାରର ଅବସ୍ଥା ପରିବର୍ତ୍ତନ ହେବାକୁ ଲାଗିଲା, ଅନେକ ଅହେମଦିମାନେ ଉକ୍ତ ଦେଶରେ ଆସି ବାସ କଲେ । ସେମାନେ ଏଇଥି ପାଇଁ ଆସିଲେ ଯେ, ସେମାନେ ଅହେମଦି ଥିଲେ ଓ ଅହେମଦି ହେବା ଯୋଗୁଁ ନିଜ ଦେଶରେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହ ସ.ଅଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ଓ ମୁକ୍ତ ଭାବରେ ଏହାର ପରିପ୍ରକାଶ କରିବା ନିମନ୍ତେ କଟକଣା ଲଗାଇ ଦିଆଯାଇଥିଲା । ସୁତରାଂ ସେମାନେ ଯେତେବେଳେ ଏଠାକୁ ଆସିଲେ ଏବଂ ସେମାନଙ୍କୁ ଯେତେବେଳେ ଏଠାରେ ଧାର୍ମିକ ସ୍ୱାଧୀନାତ ମିଳିଲା ସେତେବେଳେ ସେମାନେ ନିଜର ଧର୍ମ ଉପରେ କାର୍ଯ୍ୟାନୁସରଣ କରିବାକୁ ସକ୍ଷମ ହୋଇପାରିଲେ । ପୁନଶ୍ଚ ସେମାନଙ୍କୁ ବିଶେଷ ପ୍ରକାରର ପରିଶ୍ରମ ଦ୍ୱାରା ନିଜର ଅବସ୍ଥାରେ ସେହି ଅପୂର୍ବ ପରିବର୍ତ୍ତନ ସୃଷ୍ଟି କରିବା ସହିତ ତାହା ଉପରେ ଅଟଳ ରହିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଏହି ସବୁ କଥାର ଆଶା ଆପଣ ଅ.ସେ ନିଜର ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଠାରୁ ଆଶା କରିଛନ୍ତି । ତେଣୁ ଆମେମାନେ ସେହି ପ୍ରଚେଷ୍ଟ ଓ ସେହି ଉଦ୍ୟମ କରିଛୁ କି ?

ଆମେମାନେ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଶୃଙ୍ଖଳିତ ତଥା ପରିମାର୍ଜିତ କରିବା ସହିତ ନିଜର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଧର୍ମ ସହିତ ସଂଶ୍ଲିଷ୍ଟ ରଖିବା ନିମନ୍ତେ ବିଶେଷ ପ୍ରକାରର ଉଦ୍ୟମ କରିଥିଲୁ ? କାରଣ ସେହି ନୈଷ୍ଠିକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ପାରିବୁ ଯେପରିକି ହ. ମସିହ୍ ମଉଦ୍ ଅ.ସ ଚାହୁଁଛନ୍ତି । ଯଦି କଲି ତେବେ ଏହା ହିଁ ସେହି ପ୍ରକୃତ କୃତଜ୍ଞତା ଅଟେ ଯାହାକି ଏକଶତ ବର୍ଷ ପୂର୍ତ୍ତି ଅବସରରେ ଆମେମାନେ ସମ୍ପାଦନ କରିବୁ । ଏହାର ଆଶା ଜଣେ ଅହେମଦି ଠାରୁ କରାଯାଇପାରିବ । ଯଦି ନୁହେଁ ତେବେ କେବଳ ସାଂସାରିକ ପ୍ରଥା ଓ ପରମ୍ପାର ଅନୁଯାୟୀ ଶହେ ବର୍ଷ ପୂର୍ତ୍ତି ଅବସରରେ ଆନନ୍ଦିତ ହେବା କିଛି ଲାଭ ଦେଇ ନଥାଏ।

ହ. ମସିହ୍ ମଉଦ୍ ଅ.ସ ଅନେକ ସ୍ଥାନରେ ନିଜ ଜମାଅତ୍‌ରେ ପ୍ରବିଷ୍ଟ ହେଉଥିବା ଲୋକମାନଙ୍କୁ ନିଜ ମଧ୍ୟରେ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ସଂଷ୍ଟି କରିବା ନିମନ୍ତେ କାର୍ଯ୍ୟପନ୍ଥା ପ୍ରଦାନ କରିଛନ୍ତି, ସେମାନ (ଆମମାନ)ଙ୍କୁ ଆପଣ ଅ.ସ ଉପଦେଶ ଦେଇଛନ୍ତି । ସୁତରାଂ ଆମେମାନେ ଯଦି ପ୍ରକୃତ ରୂପେ ସେହି ନିଷ୍ଠାପର ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛେ, ଯେଉଁମାନେ ଆପଣ ସ.ଅଙ୍କ ବୈଅତ୍‌ରେ ଆସିଛନ୍ତି । ତେବେ ସେପରିପ୍ରେକ୍ଷୀରେ ଆମମାନଙ୍କୁ ଏହାର ଅଭ୍ୟାସ କରିବା ଉଚିତ୍ । ପୁନଶ୍ଚ ନିଜର ଆଚରଣ ଓ ଉଚ୍ଚାରଣ ଏଥି ସହିତ ତୁଳନା କରିବା ଉଚିତ୍ ଯେ, କେଉଁ ପର୍ଯ୍ୟନ୍ତ ଆମେମାନେ ଏହି ଉଦ୍ଦେଶ୍ୟକୁ ପୂରଣ କରୁଛେ ଯାହାକି ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତରେ ଆସିବାର ଅଭିପ୍ରାୟ ରହିଛି ? ଆମେମାନେ ଏହି ଉନ୍ନତି ପ୍ରାପ୍ତ ସଂସାରରେ ଆସି ନିଜର ଅଭିପ୍ରାୟକୁ ଭଲୁ ଯାଇ ନାହୁଁ ତ' ? ସଂସାରରର ଚାକଚକ୍ୟତା ଆମମାନଙ୍କୁ ବୈଅତ୍‌ର ଅଭିପ୍ରାୟରୁ ବିସ୍ମୃତକାରୀ କରିଦେଇ ନାହିଁ ତ'? ଯଦି ଭୁଲାଇ ଦେଇଛି ତେବେ ଶତବାର୍ଷିକ ଉଲ୍ଲାସ ପର୍ବ ପାଳନ କରିବା ବ୍ୟର୍ଥ ଅଟେ ।

ହୁଜୁର ଅନ୍‌ୱର ଅ.ବ କହିଲେ, ବର୍ତ୍ତମାନ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ଆଦେଶାବଳୀ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରିବି । ଯାହାକି ଆମମାନଙ୍କୁ ଆମମାନଙ୍କର ଅଭିପ୍ରାୟ ପ୍ରତି ମାର୍ଗଦର୍ଶନ କରିଥାଆନ୍ତି । ସର୍ବପ୍ରଥମେ ମୁଁ ଆପଣ ଅ.ସଙ୍କ ଏହି ଆଦେଶାବଳୀ ଉପସ୍ଥାପିତ କରିବି ଯହିଁରେ ଆପଣ ଅ.ସ କହିଛନ୍ତି ଯେ, ଆମମାନଙ୍କର ବୈଅତ୍ ଆମମାନଙ୍କ ଠାରୁ କ'ଣ ଆଶା କରିଥାଏ? ଆପଣ ଅ.ସ କୁହନ୍ତି : "ଏହା ଭାବ ନାହିଁ ଯେ, କେବଳ ବୈଅତ୍ କରିନେବା ଦ୍ୱାରା ଈଶ୍ୱର ପ୍ରସନ୍ନ ହୋଇଯାଆନ୍ତି । ଏହା ତ' କେବଳ ଖୋଳପା ଅଟେ । ଅର୍ଥାତ୍ ବାହାରର ବକ୍କଳ ଅଟେ । ମଞ୍ଜି ତ' ତା' ମଧ୍ୟରେ ରହିଛି । ପ୍ରକୃତିର ଅନେକ ନିୟମ ଏହିପରି ରହିଛି ଯେ, ଏକ ବକ୍କଳ ରହିଥାଏ ଏବଂ ସେହି ବକ୍କଳ ମଧ୍ୟରେ ମଞ୍ଜି ଯଦି ନଥାଏ ଏବଂ କୁକୁଡ଼ାର ଗୁଜବ ଅଣ୍ଡା ପରି ଅର୍ଥାତ୍ ଯେଉଁ ଅଣ୍ଡାରେ ନା କେସର ଥାଏ ଓ ନା ହିଁ ଧଳା ଅଂଶ ଥାଏ ତେବେ ସେହି ଅଣ୍ଡା କୌଣସି କାମରେ ଆସିବ ନାହିଁ। ଅର୍ଥାତ୍ ସେହି ଅଣ୍ଡା କୌଣସି ଲାଭ ଦେବ ନାହିଁ । ତାହା ବର୍ଯ୍ୟ ବସ୍ତୁ ପରି ଫିଙ୍ଗି ଦିଆଯାଇଥାଏ । ହଁ ସେହି ଅଣ୍ଡା ଏକ ମିନିଟ୍ କିମ୍ବା ଦୁଇ ମିନିଟ୍ ପର୍ଯ୍ୟନ୍ତ କୌଣସି ପିଲା ପାଇଁ ଖେଳର ମାଧ୍ୟମ ହୋଇଥାଏ । ଠିକ୍ ସେହିପରି ସେହି ମନୁଷ୍ୟ ଯିଏ ବୈଅତ୍ ଓ ବିଶ୍ୱାସର ଦମ୍ଭୋକ୍ତି ପ୍ରକାଶ କରିଥାଏ ସେ ଯଦି ଉପରୋକ୍ତରେ ବର୍ଣ୍ଣିତ ଦୁଇଟି କଥାର ମଞ୍ଜି ନିଜ ମଧ୍ୟରେ ରଖୁ ନାହିଁ ତେବେ ସେହି ବ୍ୟକ୍ତିକୁ ଭୟ କରିବା ଉଚିତ୍ । କାରଣ ଏମିତି ଏକ ସମୟ ଆସିବ ଯେ, ସେହି ବ୍ୟକ୍ତି ସେହି ଗୁଜବ ବା ମିଥ୍ୟା ଅଣ୍ଡ ପରି ସାମାନ୍ୟ ଆଘାତ ଲାଗିବା ଦ୍ୱାରା ଭାଙ୍ଗିଯିବା ଫଳରେ ଫିଙ୍ଗି ଦିଆଯିବ । ଯେଉଁମାନେ ଜମାଅତରୁ ପଛ ଘୁଞ୍ଚା ଦେଇଥାଆନ୍ତି ସେମାନଙ୍କର ଅବସ୍ଥା ଏହିପରି ଅଟେ । ସେହିପିର ଆପଣ ଅ.ସ କହିଲେ, ଯେଉଁ ବ୍ୟକ୍ତି ବିଶ୍ୱାସର ଦମ୍ଭୋକ୍ତି ପ୍ରକାଶ କରିଥାଏ ତାହାଙ୍କୁ ନିଜ ଆତ୍ମାର ତଦନ୍ତ କରିବା ଉଚିତ୍ ଯେ, କ'ଣ ସେ ଚୋପା ବା ବକ୍କଳ ଅଟେ ଅବା ମଞ୍ଜି ? କହିବାର ତାତ୍ପର୍ଯ୍ୟ ଏହିକି ଯେ, ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ।"

ଯେପର୍ଯ୍ୟନ୍ତ ମଞ୍ଜି ନିଜ ମଧ୍ୟରେ ସୃଷ୍ଟି ହୋଇ ନାହିଁ ସେପର୍ଯ୍ୟନ୍ତ ବିଶ୍ୱାସ, ଆଜ୍ଞାନୁବର୍ତ୍ତୀତା, ବୈଅତ୍, ଆସ୍ଥା ଓ ଇସ୍‌ଲାମ୍ ଧର୍ମର ଶିଷ୍ୟତ୍ୱର ଦାବି କରୁଥିବା ବ୍ୟକ୍ତି ପ୍ରକୃତା ଦାବିକାରୀ (ଦମ୍ଭୋକ୍ତି ପ୍ରକାଶକାରୀ) ନୁହେଁ । ମନେରଖ ! ଏକଥା ନିରାଟ ସତ୍ୟ ଯେ, ଅଲ୍ଲାଃତାଲାଙ୍କ ସମ୍ମୁଖରେ ମଞ୍ଜି ବ୍ୟତୀତ ଚୋପା ବା ବକ୍କଳର କୌଣସି ମୂଲ୍ୟ ନାହିଁ । ଉକ୍ତ କଥାକୁ ଭଲ ଭାବରେ ମନେରଖ ଯେ, ଜଣା ନାହିଁ ଯେ, ମୃତ୍ୟୁ କେଉଁ ସମୟରେ ଆସିଯିବ । କିନ୍ତୁ ଉକ୍ତ ପ୍ରସଙ୍ଗଟି ନିଃସନ୍ଦେହାତ୍ମକ ପ୍ରସଙ୍ଗ ଯେ, ମୃତ୍ୟୁ ଯେକୌଣସି ସମୟରେ ଆସିଯାଇ ପାରେ । କିନ୍ତୁ ଉକ୍ତ ପ୍ରସଙ୍ଗଟି ସୁନିଶ୍ଚିତ ଯେ, ମୃତ୍ୟୁ ଅବଶ୍ୟାମ୍ଭୀ । ସୁତରାଂ କେବଳ ଦାବି କରି ସନ୍ତୁଷ୍ଟ ହୋଇଯାଅ ନାହିଁ ଏବଂ ଆନନ୍ଦିତ ହୋଇଯାଅ ନାହିଁ । ତାହା କଦାପି କଦାପି ଲାଭଦାୟକ ବସ୍ତୁ ସାବ୍ୟସ୍ତ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ ଉପରେ ଅନେକ ମୃତ୍ୟୁ ପ୍ରୟୋଗ କରିଦେଇ ନାହିଁ (ମୃତ୍ୟୁ ମୁଖରେ ପକାଇ ଦେଇ ନାହିଁ), ଅନେକ ପରିବର୍ତ୍ତନ ତଥା ଅନେକ ବିପ୍ଳବ ମଧ୍ୟ ଦେଇ ଗତି କରିନେଇ ନାହିଁ ସେପର୍ଯ୍ୟନ୍ତ ସେ ମାନବିକତାର ପ୍ରକୃତ ଅଭିପ୍ରାୟକୁ କଦାପିର ପ୍ରାପ୍ତ କରିପାରିବ ନାହିଁ ।

**(ମଲ୍‌ଫୁଜାତ୍, ଭାଗ-2, ପୃ-167, ପ୍ରକାଶନ ବର୍ଷ 1984 ମସିହା)**

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସୁତରାଂ ବୈଅତ୍‌ର ଅଧିକାର ସମ୍ପାଦନ କରିବା କୌଣସି ସାଧାରଣ କଥା ନୁହେଁ। ଏହା ସେତେବେଳେ ସମ୍ପାଦିତ ହୋଇପାରିବ ଯେତେବେଳେ ଆମେମାନେ ସବୁବେଳେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ପରିଚାଳିତ ହେବା ନିମନ୍ତେ ଉଦ୍ୟମ କରିବୁ । ସାଂସାରିକ ଆନନ୍ଦକୁ ଦୂରୀଭୂତ କରିବା ପରେ ହିଁ ମନୁଷ୍ୟ ଏପରି ମର୍ଯ୍ୟାଦାର ପ୍ରାପ୍ତ କରିଥାଏ । ସଂସାରରେ ରହି ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେବ ହିଁ ପ୍ରକୃତ ଜିହାଦ୍ (ସଂଗ୍ରାମ) ଅଟେ । ତେଣୁ ଆମମାନଙ୍କୁ ଏଥି ନମିନ୍ତେ ଉଦ୍ୟମ କରିବ ଉଚିତ୍ । ଧର୍ମକୁ ସାଂସାରକିତା ଉପରେ ପ୍ରାଧାନ୍ୟ ଦେବା କହିଲେ କ'ଣ ବୁଝାଏ ? ଏହାର ବ୍ୟାଖ୍ୟା କରି ଆପଣ ଅ.ସ କୁହନ୍ତି; "ମୋର ଏହି ଅର୍ଥ କଦାପି ନୁହଁ ଯେ, ମୁସଲମାନମାନେ ଶିଥିଳ ହୋଇଯାଆନ୍ତୁ । ଇସ୍‌ଲାମ୍ ଧର୍ମ କୌଣସ୍ୟ ବ୍ୟକ୍ତିକୁ ଶିଥିଳ କରିନଥାଏ । ନିଜର ବ୍ୟାପାର ଓ ନିଜର ଚାକିରୀରେ ମଧ ନିମଜ୍ଜିତ ହୋଇଯାଆନ୍ତୁ। କିନ୍ତୁ ମୁଁ ଏହା ପସନ୍ଦ କରୁ ନାହିଁ ଯେ, ଈଶ୍ୱରଙ୍କ ନିମନ୍ତେ ସେମାନଙ୍କ ନିକଟରେ କୌଣସି ସମୟ ମଧ (ଫାଙ୍କା) ନାହିଁ । ହଁ ବ୍ୟାପାର ସମୟରେ ବ୍ୟାପାର କରନ୍ତୁ ଓ ଅଲ୍ଲାଃତାଲାଙ୍କର ଭୟ ତଥା ତାହାଙ୍କ ମହିମାକୁ ସେତେବେଳେ ମଧ ଦୃଷ୍ଟି ସମ୍ମୁଖରେ ରଖନ୍ତୁ । କାରଣ ସେହି ବ୍ୟାପାର ମଧ ସେମାନଙ୍କ ଉପାସନାର ଶୈଳୀ ରୂପେ ରୂପାନ୍ତରିତ ହୋଇଯାଉ । ନମାଜ ସମୟରେ ନମାଜକୁ ପରିତ୍ୟାଗ କରନ୍ତୁ ନାହିଁ ।" ସେ ଯେକୌଣସି ପ୍ରସଙ୍ଗ ହେଉ ପ୍ରତ୍ୟେକ ପ୍ରସଙ୍ଗରେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦିଅନ୍ତୁ । ସଂସାରିକତା ଅଭିପ୍ରାୟ ହେବା ଅନୁଚିତ ଅଟେ । ଧର୍ମ ହିଁ ପ୍ରକୃତ ଅଭିପ୍ରାୟ ହେବା ଉଚିତ୍ । ଯଦି ଏପରି ହେଉଥିବ ତାହାହେଲେ ସାଂସାରିକ କାର୍ଯ୍ୟ ମଧ ଧାର୍ମିକ କାର୍ଯ୍ୟ ରୂପେ ପରିଗଣିତ ହେବେ ।

ସାହାବାମାନଙ୍କୁ ଦେଖ ! ସେମାନେ ଅତି ଘଡ଼ିସନ୍ଧି ମୁହୂର୍ତ୍ତରେ ମଧ ଈଶ୍ୱରଙ୍କୁ ଛାଡ଼ିଲେ ନାହିଁ । ଯୁଦ୍ଧ ଏବଂ ଖଡ଼୍‌ଗୋତ୍ତଳନ କରିବାର ସମୟ ଏପରି ଭୟଙ୍କର ସମୟ ହୋଇଥାଏ ଯେ, ଏ ବିଷୟରେ ଭାବି ମନୁଷ୍ୟ ଅଧୀର ହୋଇ ପଡ଼ିଥାଏ। ସେହି ସମୟଟି ଅର୍ଥାତ୍ ଉତ୍ସାହ ଏବଂ କ୍ରୋଧ ସମୟ ଏବଂ ପରିସ୍ଥିତିରେ ମଧ ସେମାନ ଈଶ୍ୱରଙ୍କ ଠାରୁ ଅବଚେତନ ହେଲେ ନାହିଁ, ସେହି ସାହାବମାନେ ନମାଜକୁ ପରିତ୍ୟାଗ କଲେ ନାହିଁ, ସେମାନେ ଦୁଆକୁ ବିନିଯୋଗ କଲେ । ବର୍ତ୍ତମାନେ ଏହି ଦୁର୍ଭାଗ୍ୟତା ଯେ, ଏପରି ତ' ପ୍ରତ୍ୟେକ ପ୍ରକାରରେ ବଳ ପ୍ରୟୋଗ କରିଥାଆନ୍ତି। ନେତାମାନେ ବଡ଼ ବଡ଼ ଭାଷଣ ଦେଇଥାଆନ୍ତି, ଜଲ୍‌ସା କରିଥାଆନ୍ତି ଯେ, ମୁସଲମାନମାନେ ଉନ୍ନତି କରିବେ । କିନ୍ତୁ ଈଶ୍ୱରଙ୍କ ଠାରୁ ଏପରି ଅବଚେତନ ହୋଇଥାଆନ୍ତି ଯେ, ସେମାନେ ଭୁଲ୍ ସେ ବି ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଦିଅନ୍ତି ନାହିଁ ।" ଏ ହେଉଛି ସାଧାରଣ ମୁସଲମାନମାନଙ୍କର ଅବସ୍ଥା । "ପୁନଶ୍ଚ ଏପରି ପରିସ୍ଥିତିରେ ଆଉ କ'ଣ ବା ଆଶା କରାଯାଇ ପାରିବ ଯେ, ସେମାନଙ୍କର ପ୍ରଚେଷ୍ଟା ଫଳପ୍ରସୂ ହେବ ? ଅପରପକ୍ଷେ ତାହା ପୂର୍ଣ୍ଣ ରୂପେ ସାଂସାରିକତା ନିମନ୍ତେ ହିଁ ଉଦ୍ଦିଷ୍ଟ ଅଟନ୍ତି। ମନେରଖ ! ପେର୍ଯ୍ୟନ୍ତ لا إله إلا الله ହୃତ୍‌ପିଣ୍ଡରେ, ଶିରା ପ୍ରଶିରାରେ ପ୍ରବିଷ୍ଟ ହୋଇଯାଇ ନାହିଁ ଏବଂ ଅସ୍ତିତ୍ୱର ପ୍ରତ୍ୟେକଟି ଅଣୁ ଏବଂ ପ୍ରତ୍ୟେକଟି କଣିକାରେ ଇସ୍‌ଲାମ୍ ଧର୍ମ ଓ ଶାସନ ପ୍ରବିଷ୍ଟ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ କେବେ ବି ଉନ୍ନତି ହୋଇ ପାରିବ ନାହିଁ । ଉପରୋକ୍ତ କଥାଟି ଲିଖିତ କଥା ଅଟେ । ତୁମେମାନେ ଯଦି ପାଶ୍ଚାତ୍ୟ ଜାତିର ଉଦାହରଣ ଉପସ୍ଥାପିତ କର ଏବଂ ତୁମେ ଏହା କୁହ କି ସେମାନେ ଉନ୍ନତି କରୁଛନ୍ତି । ତାହା ଅନ୍ୟ ଏକ ପ୍ରସଙ୍ଗ ଅଟେ । ତୁମମାନଙ୍କୁ ଗ୍ରନ୍ଥ ପ୍ରଦାନ କରାଯାଇଛି । ତୁମମାନଙ୍କ ଉପରେ ପ୍ରମାଣ୍ୟ ସାବ୍ୟସ୍ତ ହୋଇସାରିଛି । ସେମାନଙ୍କ ନିମନ୍ତେ ଅନ୍ୟ ପ୍ରସଙ୍ଗ ଓ ଅନ୍ୟ ଧରିବା ଅର୍ଥାତ୍ ଶାସ୍ତି ପ୍ରଦାନ କରିବାର ଦିନ ରହିଛି । ସେମାନଙ୍କର ଧରପକଡ଼ ହେବ, କେତେବେଳେ ହେବେ ଏହାର ଉତ୍ତରଦାୟି ସେମାନେ ଅଲ୍ଲାଃତାଲାଙ୍କ ନିକଟରେ ହେବେ । ଏପରି ଅବଶ୍ୟ ହେବ କିନ୍ତୁ ସମ୍ଭବତଃ ମୃତ୍ୟୁ ପରେ ଅଲ୍ଲାଃତାଲା କରିବେ, ଏହି ସଂସାରରେ ନକରନ୍ତୁ/ କରି ନପାରନ୍ତି । କିନ୍ତୁ ଆମେମାନେ ବିଶ୍ୱାସର ଯେଉଁ ଦାବି କରିଥାଉ ଏଥି ସହିତ ଆମେମାନେ କାର୍ଯ୍ୟାନୁସରଣ କରୁ ନାହିଁ । ତେବେ ଆମମାନଙ୍କର ଧରପକଡ଼ ଇହକାଳରୁ ହିଁ ଆରମ୍ଭ ହୋଇଥାଏ । ସୁତରାଂ ଉକ୍ତ କଥାଟି ଅତ୍ୟନ୍ତ ଚିନ୍ତାଜନକ ବିଷୟ ଅଟେ । ତୁମେମାନେ ଯଦି ଅଲ୍ଲାଃତାଲାଙ୍କୁ ପରିତ୍ୟାଗ ବା ଛାଡ଼ି ଦିଅ ତେବେ ତୁମମାନଙ୍କ ନିମନ୍ତେ ଏହି ସଂସାରରେ ହିଁ ନର୍କ ଉପସ୍ଥିତ ହୋଇଛି ।"

ଏପରି ପରିସ୍ଥିତିରେ ପ୍ରାୟତଃ ପ୍ରତ୍ୟେକ ସହରରେ ମୁସଲମାନମାନଙ୍କର ଉନ୍ନତି ନିମନ୍ତେ ଅଞ୍ଜୁମନ୍ ଓ ସମ୍ମିଳନୀ ହୋଇଥାଏ । କିନ୍ତୁ କୌଣସି ସହାନୁଭୂତି ଇସ୍‌ଲାମ୍ ଧର୍ମର ତୁଣ୍ଡରୁ ବାହାରି ନଥାଏ । ତେଣୁ ପବିତ୍ର କୁରଆନ୍ କରୀମ୍‌କୁ ନିଜର ଇମାମ୍ କର । ପବିତ୍ର କୁରଆନ୍ କରୀମ୍ ଉପରେ କାର୍ଯ୍ୟାନୁସରଣ କର ।

ଯଦି କୁହନ୍ତି ତେବେ ବାସ୍ ଏହି ଇଂରାଜୀ ପାଠ ପଢ, କଲେଜ୍ ନିର୍ମାଣ କର, ବାରିଷ୍ଟର ହୁଅ । ତହିଁରୁ ଏହା ପ୍ରତିତ ହୋଇଥାଏ ଯେ, ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଉ ରହିଲା ନାହିଁ । ଚିକିତ୍ସାରେ ନିପୁଣ ବା ପ୍ରବୀଣ ବ୍ୟକ୍ତିର ଚିକିତ୍ସାରୁ ଦଶ ଦିନ ପରେ ଯଦି ରୋଗରୁ ଉପଶମ ନମିଳେ ତେବେ ରୋଗୀ ଓ ଚିକିତ୍ସକ ଚିକିତ୍ସାରୁ ପ୍ରତ୍ୟାବର୍ତ୍ତନ କରିନେଇଥାଆନ୍ତି । ଏହି ଚିକିତ୍ସା ପରିତ୍ୟାଗ କରି ଅନ୍ୟ ଚିକିତ୍ସା ଆରମ୍ଭ କରିଦେଇଥାଏ । ଏଠାରେ ଅସଫଳତା ପରେ ଅସଫଳତା ପ୍ରାପ୍ତ ହୋଇଥାଏ । କିନ୍ତୁ ସେମାନେ ତହିଁରୁ ପ୍ରତ୍ୟାବର୍ତ୍ତନ (ମୁହଁ ମୋଡ଼ନ୍ତି) କରନ୍ତି ନାହିଁ । ଯଦି ଈଶ୍ୱର ନାହାନ୍ତି ତେବେ ଏହାକୁ ଛାଡ଼ି ନିଃସନ୍ଦେହ ଉନ୍ନତି କରିନେବେ । କିନ୍ତୁ ଯେତେବେଳେ ଈଶ୍ୱର ଅଛନ୍ତି ଓ ଅବଶ୍ୟ ବିଦ୍ୟମାନ ଅଛନ୍ତି । ତେଣୁ ଈଶ୍ୱରଙ୍କୁ ବାଦ୍‌ଦେଲେ କେବେ ବି ଉନ୍ନତି କରିପାରିବ ନାହିଁ । ତାହାଙ୍କୁ ଅସମ୍ମାନ ଜଣାଇ, ତାହାଙ୍କ ଧର୍ମଗ୍ରନ୍ଥକୁ ଅସମ୍ମାନ ଜଣାଇ ଏହା ଚାହିଁ ଥାଆନ୍ତି ଯେ, ସେମାନେ ସଫଳ ହୋଇଯିବେ ଏବଂ ଏକ ଜାତି ହୋଇଯିବେ । ଏହା କେବେ ବି ସମ୍ଭବପର ନୁହେଁ ।

ଅଣମୁସଲମାନମାନଙ୍କୁ ପବିତ୍ର କୁରଆନ୍ କରୀମ୍‌କୁ ଜାଳିବା ନିମନ୍ତେ ସାହାସ କିପରି ସୃଷ୍ଟି ହେଲା ? ତାହା ଏଇଥିପାଇଁ ଯେ, ଆମେମାନେ ଜାଣିଶୁଣି ପବିତ୍ର କୁରଆନ୍ କରୀମ୍ ଉପରେ କାର୍ଯ୍ୟାନୁସରଣ କରିବା ପରିତ୍ୟାଗ କରିଦେଲୁ, ସେହି କାରଣରୁ ସେମାନଙ୍କ ମନରେ ଏହି ଦୁଃସାହାସ ସୃଷ୍ଟି ହେଲା । ଯଦ୍ଦ୍ୱାରାକି ଆମେମାନେ ମଧ ପାପୀ ବିବେଚିତ ହେଲୁ ଓ ମୁସଲମାନମାନେ ପାପୀ ତଥା ଅପରାଧୀ ବିବେଚିତ ହେଲେ । ହୁଜୁର ଅ.ସ କୁହନ୍ତି: "ମୋର ମତାମତ ତ' ଏହିକି ଯେ, ଯାହାକୁ ଚକ୍ଷୁ ଦେଖୁଛି ତାହା ଉନ୍ନତିର ଏକ ମାର୍ଗ ଅଟେ । ତେଣୁ ସେମାନେ ଈଶ୍ୱରଙ୍କୁ ଚିହ୍ନନ୍ତୁ । କିନ୍ତୁ ଜୀବନ୍ତ ବିଶ୍ୱାସ ନିଜ ମଧରେ ସୃଷ୍ଟି କରନ୍ତୁ । ମୁଁ ଯଦି ଏହି କଥାଗୁଡ଼ିକୁ ସାଂସାରିକ ବ୍ୟକ୍ତିମାନଙ୍କର ସଭାରେ ବର୍ଣ୍ଣନା କରେ ତେବେ ସେମାନେ ମୋ କଥାକୁ ହସି ତଥା ତାଚ୍ଛଲ୍ୟ କରି ଉଡ଼ାଇ ଦେବେ । କିନ୍ତୁ ମୋତେ ସେମାନଙ୍କ ଉପରେ ଦୟା ଆସିଥାଏ । କାରଣ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁଁ ଯାହା ଦେଖିପାରୁଛି ଏହି ଲୋକମାନେ ତାହାକୁ ଦେଖି ପାରନ୍ତି ନାହିଁ ।"

**(ମଲ୍‌ଫୁଜାତ୍, ଭାଗ-2, ପୃ-158-159, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମୁଁ ଏପରି ଦୃଷ୍ଟିରୁ ଦେଖୁଛି ଯେ, ମୁସଲମାନମାନେ ଯଦି ପବିତ୍ର କୁରଆନ୍ ଉପରେ କାର୍ଯ୍ୟାନୁସରଣ କରନ୍ତି ନାହିଁ ତେବେ ସେମାନଙ୍କର ବିନାଶ ଅବଶ୍ୟାମ୍ଭୀ । ଅତଏବ୍ ମୁସଲମାନେ ବୋଲାଇ ଦୁଇ ପ୍ରକାରର କାର୍ଯ୍ୟାନୁସରଣ ବା ଦୁଇ ପ୍ରକାରର କର୍ମ ହୋଇପାରିବ ନାହିଁ । ମୁସଲମାନମାନଙ୍କ ଅବସ୍ଥାର ନକ୍ସା ଆମମାନଙ୍କ ନିମନ୍ତେ ଯଥେଷ୍ଟ ଅଟେ । ମସୁଲମାନମାନେ ଧର୍ମ ନାଁ ତୁଣ୍ଡରେ ଧରନ୍ତି ଆଉ କଥା ସଂସାରର ଉନ୍ନତି ସଂପର୍କରେ କରିଥାଆନ୍ତି । ଏହାର ପରିଣାମ ଏହିକି ଯେ, ସବୁ ସ୍ଥାନରେ ସମଗ୍ର ମୁସଲମାନ ଜାତିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟେ । ସୁତରାଂ ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବା ସଂପର୍କରେ ଅତିରିକ୍ତ ଚର୍ଚ୍ଚା କରି ଆପଣ ଅ.ସ ଏକ ସ୍ଥାନରେ ଏହିପରି କୁହନ୍ତି: "ହେ ଲୋକମାନେ ! ଦେଖ ଦୁଇ ପ୍ରକାରର ଲୋକମାନେ ଥାଆନ୍ତି । ଗୋଟିଏ ପ୍ରକାରର ଲୋକମାନେ ହେଉଛି ସେହିମାନେ ଯେଉଁମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ସାଂସାରିକ ବ୍ୟାପାର ବାଣିଜ୍ୟରେ ନିମଜ୍ଜିତ ହୋଇଯାଇ ଥାଆନ୍ତି। ସୈତାନ୍ ସେମାନଙ୍କ ଉପେର ସବାର ହୋଇଯାଇଥାଏ । ମୋର ଏହି ଅର୍ଥ ନୁହେଁ ଯେ, ବାଣିଜ୍ୟ ବ୍ୟାପାର କରିବାକୁ ବାରଣ କରାଯାଇଛି । ସାହାବାମାନେ ମଧ ବାଣିଜ୍ୟ ବ୍ୟବସାୟ କରୁଥିଲେ । କିନ୍ତୁ ସେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ତଥା ଅଗ୍ରାଧିକାର ଦେଉଥିଲେ । ସେମାନେ ଯେତେବେଳେ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲେ ସେତେବେଳେ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ପ୍ରକୃତ ଶିକ୍ଷା ଓ ପ୍ରକୃତ ଜ୍ଞାନ ଯାହାକି ବିଶ୍ୱାସ ଦ୍ୱାରା ସେମାନଙ୍କ ହୃଦୟକୁ ପରିପୂର୍ଣ୍ଣ କରିଦେଉଥିଲା ସେହି ଜ୍ଞାନ ଓ ସେହି ଶିକ୍ଷା ସେମାନେ ପ୍ରାପ୍ତ କଲେ । ଏହି କାରଣରୁ ସେମାନେ କୌଣସି ସ୍ଥଳେ ସୈତାନ୍‌ର ଆକ୍ରମଣରୁ ବିଚଳିତ ଓ ବିଚ୍ୟୁତ ହେଲେ ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ବର୍ଣ୍ଣିତ ଉପରୋକ୍ତ ପ୍ରସଙ୍ଗଟି ପ୍ରତ୍ୟେକ ଅହେମଦିଙ୍କ ନିନ୍ତେ ଏକ ମାର୍ଗଦର୍ଶନୀୟ ନୈତିକତା ଅଟେ । କୌଣସି କଥା ବା କୌଣସି ପ୍ରସଙ୍ଗ ସାହାବାମାନଙ୍କୁ ସତ୍ୟତାର ପରିପ୍ରକାଶ କରିବାରୁ ଅଟକାଇ ପାରିଲା ନାହିଁ । ଚାଟୁକାରୀତା ପ୍ରଦର୍ଶନ କରିବା

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ନାହିଁ, ନିଜର ଧର୍ମକୁ ଲୁଚାଇବ ନାହିଁ । ହୁଜୁର ଅ.ସ କୁହନ୍ତି; "ମୋ କହିବାର ତାତ୍ପର୍ଯ୍ୟ କେବଳ ଏତିକି ଯେ, ଯେଉଁମାନେ ସଂପୂର୍ଣ୍ଣ ରୂପେ ସାଂସାରିକ ଭକ୍ତ ଓ ଦାସ ପାଲଟି ଯାଆନ୍ତି କହିବାକୁ ଗଲେ ସେମାନେ ସଂସାରର ଉପାସକ ହୋଇଯାଆନ୍ତି । ଏହିପରି ଲୋକମାନଙ୍କ ଉପରେ ସୈତାନ୍ ନିଜର କର୍ତ୍ତୃତ୍ୱ ବିସ୍ତାର କରିଥାଏ । ଦ୍ୱିତୀୟ ହେଉଛନ୍ତି ସେହିମାନେ ଯେଉଁମାନେ ଧର୍ମର ଉନ୍ନତି ପାଇଁ ଚିନ୍ତିତ ଅଟନ୍ତି । ଏମାନେ ହେଉଛନ୍ତି ସେହି ଗୋଷ୍ଠୀ ଯେଉଁମାନ ହିଜ୍‌ବୁଲ୍ଲାଃ (ଅଲ୍ଲାଃତାଲାଙ୍କ ଦଳ ବା ଗୋଷ୍ଠୀ) ବୋଲାଇ ଥାଆନ୍ତି । ଏମାନେ ସୈତାନ୍ ଓ ତା'ର ସୈନ୍ୟ ସାମନ୍ତଙ୍କ ଉପରେ ବିଜୟ ପ୍ରାପ୍ତ କରିଥାଆନ୍ତି । ସାଂସାରିକ ହିଜ୍‌ବୁଲ୍ଲାଃ ପରି ନୁହନ୍ତି ଯେଉଁମାନେ ଯୁଦ୍ଧକାରୀ, କଳହପ୍ରିୟ ଓ ମାରଧାଡ଼ କରିଥାଆନ୍ତି । ବରଂ ଏମାନେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସୃଷ୍ଟିକାରୀ ଗୋଷ୍ଠୀ ଅଟନ୍ତି ଯେଉଁମାନେ ହିଜ୍‌ବୁଲ୍ଲାଃ ବୋଲାଇ ଥାଆନ୍ତି । ଯେଉଁମାନେ ସୈତାନ୍ ଓ ତା'ର ସୈନ୍ୟ ବାହିନୀ ଉପରେ ବିଜୟ ପ୍ରାପ୍ତ କରିଥାଆନ୍ତି । ଧନ ଯଦିଓ ବାଣିଜ୍ୟ ବ୍ୟବସାୟ କରିବା ଦ୍ୱାରା ବୃଦ୍ଧି ପାଇଥାଏ । ତେଣୁ ଅଲ୍ଲାଃତାଲା ମଧ୍ୟ ଧର୍ମାଭିଳାଷୀ ଏବଂ ଧର୍ମୋନ୍ନତିର ଅଭିଳାଷକାରୀଙ୍କୁ ଏକ ବ୍ୟବସାୟ ବୋଲି ବିବେଚିତ କରିଛନ୍ତି । ସୁତରାଂ ଅଲ୍ଲାଃତାଲା କହୁନ୍ତି : هَلۡ اَدُلُّکُمۡ عَلٰی تِجَارَۃٍ تُنۡجِیۡکُمۡ مِّنۡ عَذَابٍ اَلِیۡمٍ **(ଅସ୍ ସଫ୍:11)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! କ'ଣ ଆମ୍ଭେ ତୁମମାନଙ୍କୁ ଏପରି ଏକ ବ୍ୟବସାୟ ସଂପର୍କରେ ସମଚାର ଦେବୁ ନାହିଁ ଯାହା ତୁମ୍ଭମାନଙ୍କୁ ଶାସ୍ତିରୁ ରକ୍ଷା କରିବ । ସେହି ବ୍ୟବସାୟ କ'ଣ ? ଧାର୍ମିକ ବ୍ୟବସାୟ । ହୁଜୁର ଅ.ସ କୁହନ୍ତି ସର୍ବୋତ୍କୃଷ୍ଟ ବ୍ୟବସାୟ ହେଉଛି ଧାର୍ମିକ ବ୍ୟବସାୟ । ଯାହାକି ଶାସ୍ତିରୁ ରକ୍ଷା କରିଥାଏ । ସୁତରାଂ ଅଲ୍ଲାଃତାଲା ମଧ୍ୟ ଏହି ଶବ୍ଦରେ ତୁମମାନଙ୍କୁ କୁହନ୍ତି ଯେ, هَلۡ اَدُلُّکُمۡ عَلٰی تِجَارَۃٍ تُنۡجِیۡکُمۡ مِّنۡ عَذَابٍ اَلِیۡمٍରେ ମୁଁ ଅଧିକ ଆଶା ସେହିମାନଙ୍କ ଠାରୁ କରିଥାଏ ଯେଉଁମାନେ ଧାର୍ମିକ ଉନ୍ନତି ଓ ଧାର୍ମିକ ଅଭିରୁଚିକୁ ଏବଂ ଉତ୍ସାହ କମ୍ କରନ୍ତି ନାହିଁ । ଅର୍ଥାତ୍ ହ୍ରାସ ପାଇବାକୁ ଦିଅନ୍ତି ନାହିଁ । ଯେଉଁମାନେ ଏହି ଅଭିରୁଚିକୁ କମ୍ କରନ୍ତି ସେମାନଙ୍କ ସଂପର୍କରେ ମୁଁ ଏହା ଆଶଙ୍କା କରୁଛି ଯେ, ସେମାନଙ୍କ ଉପରେ ସୈତାନ୍ କର୍ତ୍ତୃତ୍ୱ ବିସ୍ତାର କରି ନନେଉ । ତେଣୁ କେବେ ବି ଆଳସ୍ୟ ପରାୟଣ ହେବା ଅନୁଚିତ୍ ଅଟେ। ପ୍ରତ୍ୟେକ ପ୍ରସଙ୍ଗକୁ ଯାହା ବୁଝି ନହୁଏ ତେବେ ସେପରିପ୍ରେକ୍ଷୀରେ ମାଆରିଫତ୍ (ଅଧ୍ୟାତ୍ମ ପରିଚୟ)ରେ ଉନ୍ନତି କରୁ । ପଚାରିବା ଅବୈଧ ନୁହେଁ । ଅସ୍ୱୀକାର ଏବଂ ପ୍ରତ୍ୟାଖ୍ୟାନ ସ୍ୱରୂପ ମଧ୍ୟ ପଚାରିବା ଉଚିତ୍ ଓ ବ୍ୟବହାରିକ ଉନ୍ନତି ନିମନ୍ତେ ମଧ୍ୟ ପଚାରିବା ଉଚିତ୍ । ଯଦି କୌଣସି କଥା ଅସ୍ୱୀକାର କରିବାର ଅଛି ତେବେ ବି ପଚାରିପାର ଓ ଅନ୍ତତଃ ପ୍ରଶ୍ନ ତ' କର । ଉତ୍ତର ତ' ପ୍ରାପ୍ତ କର ଓ ଶୈକ୍ଷିକ ଉନ୍ନତି ନିମନ୍ତେ ପ୍ରଶ୍ନ ପଚାରିବା ମଧ୍ୟ ଉଚିତ୍ ଅଟେ ।"

"ଯେଉଁ ବ୍ୟକ୍ତିମାନେ ଶୈକ୍ଷିକ ଉନ୍ନତି କରିବାକୁ ଚାହୁଁଛି ସେମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ସେମାନେ ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ପାଠ କରନ୍ତୁ । ଯେଉଁଠି ସେମାନେ ବୁଝିପାରୁ ନାହାନ୍ତି ସେଠାରେ ପଚାରନ୍ତୁ । ଯଦି କେତେକ ଅଧ୍ୟାତ୍ମ ପ୍ରସଙ୍ଗ ବୁଝିପାରୁ ନାହାନ୍ତି ତେବେ ସେପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ପଚାରନ୍ତୁ ଓ ଲାଭବାନ୍ ନିଜେ ଉପକୃତ ହୁଅନ୍ତୁ ଓ ଅନ୍ୟମାନଙ୍କୁ ମଧ୍ୟ ଉପକୃତ କରାନ୍ତୁ । ପବିତ୍ର କୁରଆନ୍ କରୀମ୍ ଏକ ଧାର୍ମିକ ସମୁଦ୍ର ଅଟେ । ସେହି ସମୁଦ୍ରର ଅତଳ ଗହ୍ୱରରେ ବଡ଼ ବଡ଼ ଦୁର୍ଲଭ ଏବଂ ମୂଲ୍ୟବାନ ମୁକ୍ତା, ରତ୍ନ, ମାଣିକ୍ୟ ବିଦ୍ୟମାନ ରହିଛି ।"

**(ମଲ୍‌ଫୁଜାତ୍, ଭାଗ-3, ପୃ-193-194, ସଂସ୍କରଣ ବର୍ଷ 1984 ମସିହା)**

ସୁତରାଂ ଧର୍ମ ଶିକ୍ଷା ପ୍ରାପ୍ତ କରିବା ନିମନ୍ତେ ପବିତ୍ର କୁରଆନ୍ କରୀମ୍‌ର ମାର୍ଗଦର୍ଶନକୁ ଆହରଣ କରିବା ଏକାନ୍ତ ଆବଶ୍ୟକ ଅଟେ । ପବିତ୍ର କୁରଆନ୍ କରୀମ୍ ହିଁ ବର୍ତ୍ତମାନ ଏାହାର ମାର୍ଗଦର୍ଶନ କରିବ । ଏହି ପନ୍ଥା ରହିଛି ଯାହାକି ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବା ପ୍ରତି ମାର୍ଗଦର୍ଶନ କରିବ । ସୁତରାଂ ଆମମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ । କେତେ ଲୋକ ଅଛନ୍ତି ଯେଉଁମାନେ ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ପାଠ କରିଥାଆନ୍ତି, ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କରିଥାଆନ୍ତି ଏବଂ ପୁନଶ୍ଚ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ୟମ କରିଥାଆନ୍ତି ।

ଆପଣ ଅ.ସ ଧ୍ୟାନ ଆକର୍ଷଣ କରି କୁହନ୍ତି ଯେ, "ପବିତ୍ର କୁରଆନ୍ କରୀମ୍‌ର ଆମ ଉପରେ ଅନେକ ଉପକାର ରହିଛି ଅତଃ ଏହାକୁ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ଓ ମନଯୋଗପୂର୍ବକ ପାଠ କରିବା ଉଚିତ୍ । ଏକଥା ସ୍ମରଣ ରଖିବା ଉଚିତ୍ ଯେ, ପବିତ୍ର କୁରଆନ୍ କରୀମ୍‌ର ପୂର୍ବ ଧର୍ମଗ୍ରନ୍ଥମାନଙ୍କ ଉପରେ, ଅବତାରମାନଙ୍କର ଏହି ଉପକାର ସାଧନ କରିଛି ଯେ, ସେମାନଙ୍କ ଗ୍ରନ୍ଥରେ ଯେଉଁ ଶିକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ କାହାଣୀ ଆକାରରେ ରହିଥିଲା ତାହାକୁ ପବିତ୍ର କୁରଆନ୍ କରୀମ୍ ଶୈକ୍ଷିକ ରୂପ ପ୍ରଦାନ କରିଦେଇଛି । ମୁଁ ସତ ସତ କହୁଛି ଯେ, କୌଣସି ବ୍ୟକ୍ତି ଏହି ଗଳ୍ପ ତଥା କାହାଣୀରୁ ମୁକୁଳି ପାରିବ ନାହିଁ ଯେପର୍ଯ୍ୟନ୍ତ ସେ ପବିତ୍ର କୁରଆନ୍ କରୀମ୍‌କୁ ପାଠ କରି ନେଇ ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍‌ର ଏହି ମର୍ଯ୍ୟାଦା ତଥା ବୈଭବ୍ୟତା ରହିଛି ଯେ, ସେ اِنَّہٗ لَقَوۡلٌ فَصۡلٌ ۙ وَّ مَا ہُوَ بِالۡہَزۡلِ **(ଅତ୍ ତାରିକ୍:14-15)** ଏହି ପ୍ରମାଣ ଏଥି ନିମନ୍ତେ ରହିଛି ଯେ, ତାହା ଅର୍ଥାତ୍ ସେହି କୁରଆନ୍ ନିଶ୍ଚିତ ରୂପେ ନିର୍ଣ୍ଣାୟକ ଓ ଚୂଡ଼ାନ୍ତ କଥା ଅଟେ ଏବଂ ତାହା କୌଣସି ଅଯଥା, ଦୁର୍ବଳ ଓ ଅବାନ୍ତର ବାଣୀ ନୁହେଁ । ସେ ଅର୍ଥାତ୍ ଅଲ୍ଲାଃତାଲା ଓଜନ ମାପର ନୀତି ନିର୍ଦ୍ଧାରଣକର୍ତ୍ତା, ସମସ୍ତଙ୍କର ତତ୍ତ୍ୱାବଧାରକ, ଆଲୋକ ଓ ଆରୋଗ୍ୟ ପ୍ରଦାନକାରୀ ଏବଂ କରୁଣା ପ୍ରଦାନକାରୀ ଅଟନ୍ତି । ଯେଉଁ ଲୋକମାନେ ପବିତ୍ର କୁରଆନ୍ କରୀମ୍ ପାଠ କରନ୍ତି ନାହିଁ ସେମାନେ ପବିତ୍ର କୁରଆନ୍ କରୀମ୍‌କୁ ବୁଝିଲେ ନାହିଁ ବରଂ ପବିତ୍ର କୁରଆନ୍ କରୀମ୍ ପ୍ରତି ସେମାନେ ଅସମ୍ମାନ ପ୍ରଦର୍ଶନ କରିଛନ୍ତି । ଆମମାନଙ୍କର ବିରୋଧୀମାନେ ଆମର ବିରୋଧ କରିବା ନିମନ୍ତେ ଏତେ ଉତ୍ତେଜିତ ଓ ଉଦ୍‌ବିଗ୍ନ କାହିଁକି ହୋଇ ଉଠିଛନ୍ତି ? କେବଳ ଏଇଥି ପାଇଁ ଯେ, ଆମେମାନେ ପବିତ୍ର କୁରଆନ୍ କରୀମ୍‌କୁ ସେହିପରି ଦେଖାଇବାକୁ ଉଦ୍ୟମ କରୁଛୁ ଯେପରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି ଯେ, ତାହା ସଂପୂର୍ଣ୍ଣ ରୂପେ ଆଲୋକ, ବ୍ରହ୍ମଜ୍ଞାନ, ତତ୍ତ୍ୱ ଓ ଅଧ୍ୟାତ୍ମ ପରିଚୟ ବୋଲି ବର୍ଣ୍ଣନା କରିଛନ୍ତି। ସେହି ବିରୋଧୀମାନେ ପବିତ୍ର କୁରଆନ୍ କରୀମ୍‌କୁ ଏକ ସାଧାରଣ ଗଳ୍ପ ଛଡ଼ା ଆଉ କୌଣସି ମହତ୍ତ୍ୱ ପ୍ରଦାନ କରୁ ନାହାନ୍ତି । କିନ୍ତୁ ଆମେମାନେ ଏହାକୁ ବର୍ଦାସ୍ତ କରିପାରିବୁ ନାହିଁ ।"

"ଅଲ୍ଲାଃତାଲା ନିଜ କୃପାରୁ ଆମମାନଙ୍କ ଉପରେ ଖୋଲି ଦେଇଛନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ଏକ ଜୀବନ୍ତ ଓ ଜ୍ୱଳନ୍ତ ଧର୍ମଗ୍ରନ୍ଥ ଅଟେ । ତେଣୁ ଆମେମାନେ ସେହି ବିରୋଧୀମାନଙ୍କର ବିରୋଧକୁ କାହିଁକି ବା ଭ୍ରୂକ୍ଷେପ କରିବୁ ? ସୁତରାଂ ମୁଁ ବାରମ୍ବାର ଉକ୍ତ ପ୍ରସଙ୍ଗ ଆଡ଼କୁ ଲୋକମାନଙ୍କର ଧ୍ୟାନ ଆକର୍ଷଣ କରି ସେହିମାନଙ୍କ ଉପଦେଶ ଦେଉଛି ଯେଉଁମାନେ ମୋ ସହିତ ସଂଶ୍ଳିଷ୍ଟ ଅଟନ୍ତି । କାରଣ ଅଲ୍ଲାଃତାଲା ଉକ୍ତ ସଂପ୍ରଦାୟକୁ ସତ୍ୟକୁ ଉଦ୍‌ଘାଟିତ କରିବା ନିମନ୍ତେ ସ୍ଥାପନ କରିଛନ୍ତି । ଅର୍ଥାତ୍ ବାସ୍ତବତା ସଂପର୍କରେ କହିବା ନିମନ୍ତେ ଉକ୍ତ ସଂପ୍ରଦାୟକୁ ସ୍ଥାପନ କରିଛନ୍ତି । କାରଣ ଏହାକୁ ବାଦଦେଲେ ବ୍ୟକ୍ତିର ବ୍ୟବହାରିକ ଜୀବନରେ କୌଣସି ଆଲୋକ ଓ କିରଣ ସୃଷ୍ଟି ହୋଇପାରିବ ନାହିଁ । ମୁଁ ଚାହୁଁଛି ଯେ, ବ୍ୟବହାରିକ ସତ୍ୟତା ମାଧ୍ୟମରେ ଇସ୍‌ଲାମ୍ ଧର୍ମର ବୈଶିଷ୍ଟ୍ୟତା ସଂସାର ଉପରେ ପ୍ରକାଶିତ ହୋଇଯାଉ । ଯେପରିକି ଈଶ୍ୱର ମୋତେ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ନିୟୋଜିତ କରିଛନ୍ତି । ତେଣୁ ପବିତ୍ର କୁରଆନ୍ କରୀମ୍‌କୁ ବହୁଳ ରୂପେ ପାଠ କର । କିନ୍ତୁ ଗଳ୍ପ ତଥା କାହାଣୀ ମନେକରି ଏହାକୁ ପାଠ କରନ୍ତୁ ନାହିଁ ବରଂ ଦର୍ଶନ ବୋଲି ମନେକରି ଏହାକୁ ପାଠ କରିବା ଉଚିତ୍ ।"**(ମଲ୍‌ଫୁଜାତ୍, ଭାଗ-3, ପୃ-155, ସଂସ୍କରଣ ବର୍ଷ-1984 ମସିହା)**

ସୁତରାଂ ପବିତ୍ର କୁରଆନ୍ କରୀମକୁ ବୁଝିବା ମଧ୍ୟ ନିତାନ୍ତ ଆବଶ୍ୟକତ ଅଟେ । ଅନେକ ଅହେମଦି ଅନେକ ପ୍ରଶ୍ନ କରିଥାଆନ୍ତି । ସେମାନେ ଯଦି ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ପାଠ କରନ୍ତି ତାହାହେଲେ ସେମାନଙ୍କୁ ସେହିଠାରେ ହିଁ ଉତ୍ତର ମଧ୍ୟ ମିଳିଯାଇ ଥାଆନ୍ତା । ବିଭିନ୍ନ ଫଙ୍କ୍‌ସନ (Functions) ଉତ୍ସବରେ ଯେତେବେଳେ ପବିତ୍ର କୁରଆନ୍ କରୀମ୍ ସଂପର୍କରେ କଥା କୁହାଯାଇଥାଏ ସେତେବେଳେ ଶୁଣୁଥିବା ଲୋକମାନେ ମଧ୍ୟ ପ୍ରଭାବିତ ହୋଇଥାଆନ୍ତି । ସେମାନେ ଇସ୍‌ଲାମ୍ ଧର୍ମର ବୈଶିଷ୍ଟ୍ୟତାର ସ୍ୱୀକାରୋକ୍ତି ପ୍ରକାଶକାରୀ ହୋଇଥାଆନ୍ତି । ତେଣୁ ଭରସା ଓ ବିଶ୍ୱାସର ସହିତ ପ୍ରତ୍ୟେକ ଅହେମଦିକୁ ପବିତ୍ର କୁରଆନ୍ କରୀମ୍‌କୁ ବ୍ୟବହାର କରିବା ଉଚିତ୍ । ପବିତ୍ର କୁରଆନ୍ କରୀମ୍ ଯେଉଁଠି ଆମମାନଙ୍କ ସଂସ୍କାର ନିମନ୍ତେ ମାର୍ଗଦର୍ଶକ ଅଟେ ସେଠାରେ ଅଣଅହେମଦି ଓ ଅଣ ଧର୍ମାବଲମ୍ବୀମାନଙ୍କ ଆପତ୍ତିର ଉତ୍ତର ଦେବା ନିମନ୍ତେ ମଧ୍ୟ ଏକ ବିଳିଷ୍ଟ ଦିବ୍ୟାସ୍ତ୍ର ଅଟେ ।

ଧର୍ମକୁ ସଂସାର ଉପରେ ପ୍ରଧାନ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ପକ୍ଷେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହିକି ଯେ, ଧର୍ମକୁ ପ୍ରାଧାନ୍ୟ ଦେଉଥିବା ବ୍ୟକ୍ତିର ଈଶ୍ୱରଙ୍କ ସହିତ ମଧ୍ୟ ସଂପର୍କ ସୃଷ୍ଟି ହେବା ଉଚିତ୍ । ଆଦେଶାବଳୀ ସଂପର୍କରେ ଜ୍ଞାତ ହେବା ପରେ ଯାଇ ସେହି ଆଦେଶାବଳୀର ଆଦେଶ ଦେଉଥିବା ଈଶ୍ୱରଙ୍କ ସହିତ ସଂପର୍କ ସ୍ଥାପନ ହୋଇପାରିବ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ରଖିବା ଉଚିତ୍ ଓ ଏହି ସଂପର୍କ ଉପାସନା ମାଧ୍ୟମରେ ହିଁ ସୃଷ୍ଟି ହୋଇଥାଏ ଏବଂ ଉପାସନାର ଇସ୍‌ଲାମ୍ ଧର୍ମରେ ସର୍ବୋତ୍ତମ ମାଧ୍ୟମ ହେଉଛି ନମାଜ୍ । ଅତଃ ପ୍ରତ୍ୟେକ ଅହେମଦିକୁ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଏହି ସମୀକ୍ଷା କରିବା ଉଚିତ୍ ଯେ, ତା'ର ନମାଜ୍‌ର କ'ଣ ସ୍ଥିତି ରହିଛି? ଯଦି ଆମମାନଙ୍କର ଏହି ଅବସ୍ଥା ବା ସ୍ଥିତି ଅର୍ଥାତ୍ ନମାଜର ସ୍ଥିତି ଶୃଙ୍ଖଳିତ ତଥା ବ୍ୟବସ୍ଥିତ ହୋଇଗଲା ଓ ଆମମାନଙ୍କର ଅଲ୍ଲାଃତାଲାଙ୍କ ସହିତ ଏହିପରି ସଂପର୍କ ସ୍ଥାପନ ହୋଇଗଲା ତେବେଯାଇ ସେହି ଅବସ୍ଥା ଦ୍ୱାରା ଆମମାନଙ୍କୁ ପ୍ରକୃତ ପ୍ରସନ୍ନତା ପ୍ରାପ୍ତ ହୋଇପାରିବ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋର ଏହି ଧର୍ମମତ ରିହଛି ଯେ, ଯେଉ ବ୍ୟକ୍ତି ବିପତ୍ତିରୁ ବର୍ତ୍ତିବାକୁ ଚାହୁଁଛି ତେବେ ସେ ଗୁପ୍ତ ରୂପେ ଈଶ୍ୱରଙ୍କ ସହିତ ସନ୍ଧି ସ୍ଥାପନ କରିନେଉ । ସେ ନିଜ ମଧ୍ୟରେ ଏପରି ପରିବର୍ତ୍ତନ ସୃଷ୍ଟି କରୁ ଯେ, ସେ ନିଜେ ଅନୁଭବ କରୁ କି ସେ ଆଉ ପୂର୍ବ ବ୍ୟକ୍ତି ନୁହେଁ । ଅଲ୍ଲାଃତାଲା ତତ୍‌ସମ୍ବନ୍ଧରେ ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି; إِنَّ اللَّهَ لَا يُغَيِّرُ مَا بِقَوْمٍ حَتَّىٰ يُغَيِّرُوا مَا بِأَنفُسِهِمْ **(ଅର୍ ରାଆଦ୍: 12)** ଅର୍ଥାତ୍ ନିଃସନ୍ଦେହ ରୂପେ ଅଲ୍ଲାଃତାଲା କଦାପି କୌଣସି ସଂପ୍ରଦାୟର ଅବସ୍ଥାରେ ସେପର୍ଯ୍ୟନ୍ତ ପରିବର୍ତ୍ତନ କରନ୍ତୁ ନାହିଁ ଯେପର୍ଯ୍ୟନ୍ତ କି ସେମାନେ ନିଜ ଅନ୍ତରର ଅବସ୍ଥାକୁ ପରିବର୍ତ୍ତନ କରି ନାହାନ୍ତି । ତେଣୁ ପ୍ରକୃତ ଓ ସତ୍ୟ ଧର୍ମର ମୂଳାଧାର ବିଶ୍ୱାସ ଅଟେ ଓ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିବାକୁ ହେଲେ ପ୍ରକୃତ ଧର୍ମପରାୟଣତା ମନରେ ରହିବା ଉଚିତ୍ ଏବଂ ଈଶ୍ୱରଙ୍କ ଭୟ ମଧ୍ୟ ମନରେ ରଖିବା ଉଚିତ୍ ।"

ଈଶ୍ୱର ଧର୍ମପରାୟଣ ବ୍ୟକ୍ତିଙ୍କୁ କେବେ ବି ବିନଷ୍ଟ ହେବାକୁ ଦିଅନ୍ତି ନାହିଁ । ସେ ଆକାଶ ଲୋକରୁ ସେମାନଙ୍କୁ ସାହାଯ୍ୟ କରି ଥାଆନ୍ତି । ଦେବଦୂତମାନେ ଧର୍ମପରାୟଣ ବ୍ୟକ୍ତିମାନଙ୍କ ସାହାଯ୍ୟ ନିମନ୍ତେ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି। ଏହାଠୁ ଅଧିକ ଆଉ କ'ଣ ହୋଇପାରିବ ଯେ, ଧର୍ମପରାୟଣ ବ୍ୟକ୍ତି ଠାରୁ ଚମତ୍କାର ପ୍ରକଟିତ ହୋଇଯାଇଥାଏ । ମନୁଷ୍ୟ ଯଦି ଅଲ୍ଲାଃତାଲାଙ୍କ ସହିତ ସଂପୂର୍ଣ୍ଣ ସ୍ୱଚ୍ଛ ସଂପର୍କ କରିନିଏ ଏବଂ ସେହି କର୍ମ ତଥା ଆଚରଣକୁ ପରିତ୍ୟାଗ କରିଦିଏ ଯେଉଁଗୁଡ଼ିକ ପ୍ରଭୁଙ୍କ ଅପ୍ରସନ୍ନତାର କାରଣ ହୋଇଥାଆନ୍ତି ତେବେ ସେ ବୁଝିନେଉ ଯେ, ପ୍ରତ୍ୟେକ କାର୍ଯ୍ୟ କଲ୍ୟାଣ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ମୋର ଏହି ବିଶ୍ୱାସ ରହିଛି ପ୍ରଭୁ ଆକାଶୀୟ କାର୍ଯ୍ୟ ଉପରେ ରହିଛି । ଆକାଶ ଲୋକରୁ କାର୍ଯ୍ୟ ସମ୍ପାଦନ ହେବ ତ' ହେଉ ଅନ୍ୟ କୌଣସି ଆଉ ମାଧ୍ୟମ ନାହିଁ । ଉକ୍ତ କଥାଟି ସତ୍ୟ ଯେ, ଯଦି ଈଶ୍ୱର କୌଣସି ବ୍ୟକ୍ତିର ହୋଇ ଯାଆନ୍ତି ତେବେ ସମଗ୍ର ସଂସାର ସେହି ବ୍ୟକ୍ତିର ବିରୋଧୀ ହୋଇଯାଉ ନା କାହିଁକି ସେହି ବ୍ୟକ୍ତିର କିଛି ବିଗାଡ଼ି ପାରିବ ନାହିଁ । ତେଣୁ ଈଶ୍ୱରଙ୍କ ଉପେରେ ଭରସା ରହିବା ନିହାତି ଆବଶ୍ୟକ ଅଟେ ଏବଂ ଭରସା ପୁଣି ଏପରି ହେବା ଉଚିତ୍ ଯେ, ପ୍ରତ୍ୟେକ ବସ୍ତୁକୁ ତୁମେ ଭୁଲିଯାଅ । ସାଧନ ଆବଶ୍ୟକ ଅଟେ । କିନ୍ତୁ ସାଧନ ସୃଷ୍ଟିକର୍ତ୍ତା ମଧ୍ୟ ଈଶ୍ୱରଙ୍କ ହସ୍ତରେ ହିଁ ରହିଛି । ସେ (ଈଶ୍ୱର) ପ୍ରତ୍ୟେକ ସାଧନ ସୃଷ୍ଟି କରିପାରନ୍ତି । ଅତଃ ସାଧନ ଉପରେ ଆଦୌ ଭରସା କର ନାହିଁ । ଭରସା ଏହିପରି ସୃଷ୍ଟି ହୋଇଥାଏ ଯେ, ନମାଜରେ ନିୟମାନୁବର୍ତ୍ତୀ ପ୍ରଦର୍ଶନ କର ଓ ନମାଜରେ ନିୟମିତ ଦୁଆ କରୁଥାଅ । ପ୍ରତ୍ୟେକ ପ୍ରକାରର ତ୍ରୁଟି ବିଚ୍ୟୁତି ଓ ଦୋଷ ଦୁର୍ବଳତା ଠାରୁ ବର୍ତ୍ତିବା ଉଚିତ୍ ଏବଂ ଏକ ନୂତନ ଜୀବନର ଭିତ୍ତି ସ୍ଥାପନ କରିବା ଉଚିତ୍ । ହେ ମୋର ପ୍ରିୟଜନ ! ମନେରଖ ତୁମର ବନ୍ଧୁମାନେ ଏପରି ପ୍ରିୟ ଏବଂ ଘନିଷ୍ଠ ହୁଅନ୍ତି ନାହିଁ ଯେପରି ପ୍ରଭୁ ଅତି ପ୍ରିୟ ଓ ଅତି ନିବିଡ଼ ତଥା ଘନିଷ୍ଠ ବନ୍ଧୁ ହୋଇଥାଆନ୍ତି । ସେ ଯଦି ପ୍ରସନ୍ନ ହୋଇଗଲେ ତେବେ ସମଗ୍ର ସଂସାର ପ୍ରସନ୍ନ ହୋଇଯାଇଥାଏ ।

ସେ ଯଦି କୌଣସି ପ୍ରସନ୍ନତାର ପ୍ରକାଶ କରନ୍ତି ତେବେ ଓଲଟା ସାଧନକୁ ମଧ୍ୟ ସେ ସିଧା (ସଳଖ) କରିଦେଇ ଥାଆନ୍ତି ଏବଂ ବିଗିଡ଼ି ଯାଇଥିବା କାର୍ଯ୍ୟ ମଧ୍ୟ ସହଜ ହୋଇଯାଇଥାଏ । ସେ କ୍ଷତିକାରକୁ ଉପକାରୀ କରି ଦେଇଥାଆନ୍ତି । ଏହା ହିଁ ସେହି ଈଶ୍ୱରଙ୍କର ଈଶ୍ୱରତ୍ୱ ଅଟେ । ହଁ ଉକ୍ତ କଥା ମଧ୍ୟ ସ୍ମରଣଯୋଗ୍ୟ ଯେ, ଯେଉଁଥିପାଇଁ ଦୁଆ କରାଯାଇଥାଏ ସେଥି ନିମନ୍ତେ ଏହା ଆବଶ୍ୟକ ଯେ, ସେ ସ୍ୱୟଂ ସାମର୍ଥ୍ୟତାରେ ନିମଜ୍ଜିତ ରହୁ । ଅର୍ଥାତ୍ ଦୁଆ କରିବା ସହିତ ନିଜର ସଂଶୋଧନ କରିବାର ମଧ୍ୟ ନିମଜ୍ଜିତ ହେବାକୁ ପଡ଼ିବ । ସେ (ବ୍ୟକ୍ତି ବା ଭକ୍ତ) କୌଣସି ଦୃଷ୍ଟିରୁ ଈଶ୍ୱରଙ୍କ ରୁଷ୍ଟ ଓ ଅପ୍ରସନ୍ନ କରିଦିଏ ତେବେ ସେପରିପ୍ରେକ୍ଷୀରେ ସେ ଦୁଆର ପ୍ରଭାବକୁ ମଧ୍ୟ ସ୍ଥଗିତ କରିଦେଇଥାଏ । ପ୍ରଥାନୁଯାୟୀ ପାରମ୍ପାରିକ ସାଧନରୁ ସାହାଯ୍ୟ ନେବା କୌଣସି ଅପରାଧ ନୁହେଁ । କିନ୍ତୁ ଈଶ୍ୱରଙ୍କୁ ସାଧନ ଉପରେ ପ୍ରାଧାନ୍ୟ ଦେବା ଉଚିତ୍ । ଏପରି ସାଧନ ଅବଲମ୍ବନ କର ନାହିଁ ଯାହା ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାର କାରଣ ହେବ ।

**(ମଲ୍‌ଫୁଜାତ୍, ବାଗ-2, ପୃ-184-185, ସଂସ୍କରଣ ବର୍ଷ-2022 ମସିହା)**

ନମାଜ୍‌ରେ ଆନନ୍ଦ ନିମିଳିବାର କାରଣ ଓ ଏହାର ପ୍ରତିକାର ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ମୁଁ ଦେଖୁଛି ଯେ, ଲୋକମାନେ ନମାଜ୍‌ରେ ଏଇଥି ପାଇଁ ଅବଚେତନ ଓ ଆଳସ୍ୟ ହୋଇଥାଆନ୍ତି ଯେ, ଅଲ୍ଲାଃତାଲା ନମାଜ ମଧ୍ୟରେ ଯେଉଁ ଆନନ୍ଦ ଓ ତୃପ୍ତ ଅନ୍ତର୍ନିହିତ ରଖିଛନ୍ତି ସେମାନେ ସେହି ଆନନ୍ଦ ଓ ତୃପ୍ତି ସହିତ ଅବଗତ ନାହାନ୍ତି । ନମାଜ୍‌ରେ ଆନନ୍ଦ ନଆସିବାର ସବୁଠୁ ବଡ଼ କାରଣ ଏହିକି ଯେ, ଲୋକମାନେ ଆନନ୍ଦ ଏବଂ ତୃପ୍ତ ସଂକ୍ରାନ୍ତରେ କିଛି ଜାଣି ନାହାନ୍ତି । ପୁନଶ୍ଚ ସହର ଓ ଗ୍ରାମମାନଙ୍କର ତ' ଆହୁରି ଆଳସ୍ୟତା ଏବଂ ଅବହେଳା ହୋଇଥାଏ। ଶହେ ଭାଗରୁ ପଚାଶ ଭାଗ ମଧ୍ୟ ସଂପୂର୍ଣ୍ଣ ତତ୍ପରତା ଓ ପ୍ରକୃତ ଆନ୍ତରୀକତା ସହିତ ନିଜର ପ୍ରକୃତ ପରମେଶ୍ୱରଙ୍କ ସମ୍ମୁଖରେ ନତମସ୍ତକ ହୁଅନ୍ତି ନାହିଁ । ପୁନଶ୍ଚ ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ସେମାନେ କାହିଁକି ଆନନ୍ଦ ଓ ତୃପ୍ତ ସଂପର୍କରେ ଅବଗତ ନାହାନ୍ତି ଓ ନା ହିଁ ସେମାନେ କେବେ ତହିଁରୁ ଆନନ୍ଦିତ ଓ ନମାଜ୍‌ର ସ୍ୱାଦକୁ ସେମାନେ ଆସ୍ୱାଦନ କିରଛନ୍ତି ? ଧର୍ମରେ ଏପରି ଆଦେଶାବଳୀର ଉଲ୍ଲେଖ ରହି ନାହିଁ । କେବେ କେବେ ଏପରି ହୋଇଥାଏ ଯେ, ଆମେମାନେ ନିଜ କାର୍ଯ୍ୟରେ ଏତେ ବ୍ୟସ୍ତ ହୋଇଯାଇଥାଉ ଓ ମୁଅଜ୍ଜିନ୍ ଅଜାନ ଦେଇ ଦେଇଥାଏ । ପୁନଶ୍ଚ ଏହିପରି ଲୋକମାନେ ଶୁଣିବାକୁ ମଧ୍ୟ ପସନ୍ଦ କରନ୍ତି ନାହିଁ ଯେପିରିକ ସେମାନଙ୍କର ହୃଦୟ ବ୍ୟଥିତ ହୋଇଥାଏ । ଅର୍ଥାତ୍ ଅଜାନ ହୋଇଗଲା ଏବଂ ନମାଜ ନିମନ୍ତେ ଯିବାକୁ ପଡ଼ିବ । ଏହି ଲୋକମାନେ ଅତ୍ୟନ୍ତ ଦୟାର ପାତ୍ର ଅଟନ୍ତି । ଏଠାରେ ଏପରି କେତେକ ଲୋକମାନେ ମଧ୍ୟ ଅଛନ୍ତି ଯେ, ସେମାନଙ୍କ ଦୋକାନକୁ ଦେଖିଲେ ଏହା ଜଣାପଡ଼େ ଯେ, ଦୋକାନଗୁଡ଼ିକ ମସ୍‌ଜିଦର ନିମ୍ନ ଭାଗରେ ବିଦ୍ୟମାନ ରହିଛି । କିନ୍ତୁ ସେମାନେ କେବେ ବି ନମାଜ୍‌ରେ ଯାଇ ଛିଡ଼ା ହୁଅନ୍ତି ନାହିଁ । ସୁତରାଂ ମୁଁ ଏହା କହିଦେବାକୁ ଚାହୁଁଛି ଯେ, ଅଲ୍ଲାଃତାଲାଙ୍କ ନିକଟରେ ଅତ୍ୟନ୍ତ ଆର୍ଦ୍ରତା ଓ ଉତ୍ସାହର ସହିତ ଦୁଆ କରିବା ଉଚିତ୍ । କାରଣ ଅଲ୍ଲାଃତାଲା ଯେପରି ଫଳ ଓ ବିଭିନ୍ନ ବସ୍ତୁରେ ନାନା ପ୍ରକାରର ଆନନ୍ଦ ପ୍ରଦାନ କରିଛନ୍ତି ଠିକ୍ ସେହିପରି ନାମଜ ଓ ଉପାସନାରେ ମଧ୍ୟ ଏକ ପ୍ରକାରର ଆନନ୍ଦ ଆସ୍ୱାଦନ କରାଇ ଦିଅନ୍ତୁ । ଖାଇଥିବା ବସ୍ତୁ ବା ଖାଦ୍ୟ ମନେ ରହିଥାଏ । ଦେଖ ! ଯଦି କୌଣସି ବ୍ୟକ୍ତି ଏକ ସୁନ୍ଦର ବସ୍ତୁକୁ ଏକ ଆନନ୍ଦ ଚାହାଁଣୀରେ ଦେଖେ ତେବେ ସେ ସେହି ବସ୍ତୁକୁ ଭଲ ଭାବରେ ମନେ ରଖିଥାଏ ଓ ପୁନଶ୍ଚ ଯଦି କୌଣସି ଅସୁନ୍ଦର ଏବଂ ଅପ୍ରିୟ ଆକୃତିର ବସ୍ତୁକେ ଦେଖେ ତେବେ ସେପରିପ୍ରେକ୍ଷୀରେ ତା'ର ସମସ୍ତ ଅବସ୍ଥା ଶରୀର ଅନୁଯାୟୀ ତା'ର ସାକାର (ଆକୃତି) ହୋଇ ସମ୍ମୁଖକୁ ଆସି ଦେଖା ଦେଇଥାଏ । ହଁ ଯଦି କୌଣସି ସଂପର୍କ ନଥାଏ ତାହାହେଲେ କିଛି ମନେ ରହି ନଥାଏ ବା ସ୍ମରଣ ରହି ନଥାଏ । ଠିକ୍ ସେହିପରି ବେନମାଜୀଙ୍କ (ଯେଉଁମାନେ ନମାଜ ପାଠ କରୁ ନାହାନ୍ତି) ସେମାନଙ୍କ ନିକଟରେ ନମାଜ ଏକ କ୍ଷତିପୂରଣ ବା ଜୋରିମାନା ଅଟେ । ଅଯଥାରେ ସକାଳୁ ଉଠି ଶୀତ ଋତୁରେ ଉଜୁ (ୱଜୁ, ହସ୍ତ, ପାଦ, ମୁଖ ପ୍ରେକ୍ଷାଳନ କରିବା) ଆରାମଦାୟକ ଶଯ୍ୟାକୁ ପରିତ୍ୟାଗ କରି, ଅନେକ ପ୍ରକାରର ସୁଖ ସୁବିଧାକୁ ପରିତ୍ୟାଗ କରି ନମାଜ ପାଠ କରିବାକୁ ପଡ଼ିଥାଏ ।"

ପ୍ରକୃତ କଥା ଏହିକି ଯେ, ସେହି ବ୍ୟକ୍ତି ଅପ୍ରସନ୍ନ ଓ ବିମୁଖ ଅଟେ । ସେ ସେହି ଆନନ୍ଦ ଏବଂ ନମାଜକୁ ବୁଝିପାରିବ ନାହିଁ ସେହି ଆନନ୍ଦ, ମନୋବିନୋଦ ଏବଂ ସୁଖ ଶାନ୍ତି ଯାହାକି ନମାଜରେ ରହିଛି ତତ୍‌ସଂପର୍କରେ ସେ ଅବଗତ ନୁହେଁ । ତାହାହେଲେ ସେ ନମାଜରେ କିପରି ଆନନ୍ଦ ପ୍ରାପ୍ତ କରିପାରିବ ? ମୁଁ ଦେଖୁଛି ଯେ, ଜଣେ ମଦ୍ୟପ ଓ ଜଣେ ନିଶୋଖୋର ବ୍ୟକ୍ତିକୁ ଯେତେବେଳେ ଆନନ୍ଦ ମିଳି ନଥାଏ ସେତେବେଳେ ସେ ଅହରହ ଭାବରେ ମଦ୍ୟର ପିଆଲା ପାନ କରିଚାଲେ । ଏପର୍ଯ୍ୟନ୍ତକି ତା'କୁ ଏକ ପ୍ରକାରର ନିଶା ଆସିଯାଇଥାଏ । କିନ୍ତୁ ଏହାର ବିପରୀତ ବୁଦ୍ଧିମାନ ବ୍ୟକ୍ତି ଓ ସତ୍‌ପୁରଷ ବ୍ୟକ୍ତି ନମାଜର ନିୟମିତତା ଅବଲମ୍ବନ କରି ଲାଭବାନ ହୋଇଥାଏ। ଅର୍ଥାତ୍ ନିୟମିତ ଭାବରେ ଯଦି ସେ ନମାଜ ପାଠ କରିଚାଲେ ତେବେ ସେହି ବ୍ୟକ୍ତିକୁ ନମାଜରେ ଆନନ୍ଦ ଆସିଯିବ । ଯେପରି ମଦ୍ୟପକୁ ମସ୍ତିଷ୍କରେ ଏକ ଆନନ୍ଦ ଅନୁଭୂତ ହୋଇଥାଏ । ଅର୍ଥାତ୍ ଅହରହ ମଦ୍ୟ ପାନ କରିବା ଦ୍ୱାରା ତା'କୁ ଆନନ୍ଦ ଓ ସ୍ୱାଦ ପ୍ରାପ୍ତ ହୋଇଥାଏ ଠିକ୍ ସେହିପରି ନିୟମିତ ନମାଜ ପାଠ କରିବା ଦ୍ୱାରା ନମାଜୀକୁ ନମାଜରେ ଆନନ୍ଦ ପ୍ରାପ୍ତ ହୋଇଥାଏ । ମଦ୍ୟପ ମସ୍ତିଷ୍କରେ ଯେପରି ମଦ୍ୟ ପାନ କରିବା ଦ୍ୱାରା ଆନନ୍ଦ ପ୍ରାପ୍ତ କରିଥାଏ ଏବଂ ଏହି ଆନନ୍ଦ ପ୍ରାପ୍ତ କରିବା ତା'ର ମୂଳ ଅଭିପ୍ରାୟ ହୋଇଥାଏ । ସେହିପରି ମସ୍ତିଷ୍କରେ ଓ ସମସ୍ତ ଶକ୍ତିର ଧ୍ୟାନ ନମାଜ୍‌ରେ ତା'କୁ ଆନନ୍ଦ ପ୍ରାପ୍ତ କରିବା, ଏକ ନିଷ୍ଠା ତଥା ଉତ୍ସାହର ସହିତ ଅନ୍ତତଃ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ସେହି ନିଶାଖୋର ବ୍ୟକ୍ତିର ଅଧୀରତା, କ୍ଷୋଭ ଓ ଆତୁରତା ପରି ଏକ ଦୁଆ ସୃଷ୍ଟି ହେବା ଦ୍ୱାରା ତା'କୁ ଆନନ୍ଦ ପ୍ରାପ୍ତ ହୋଇଥାଏ । ମୁଁ କହୁଛି ଓ ସତ ସତ କହୁଛି ଯେ, ନିଃସନ୍ଦେହ ରୂପେ କହୁଛି ଯେ, ବ୍ୟକ୍ତି ବା ନମାଜୀକୁ ନମାଜରେ ସେହି ଆନନ୍ଦ ଅଣବଶ୍ୟ ପ୍ରାପ୍ତ ହୋଇଯିବ । ପୁନଶ୍ଚ ନମାଜ ପାଠ କରିବା ସମୟରେ ସେହି ହିତକୁ ପ୍ରାପ୍ତ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେପରିକି କୃତଜ୍ଞତାକୁ ଦୃଷ୍ଟି ସମ୍ମୁଖରେ ରଖାଯାଥାଏ । اِنَّ الْحَسَنٰتِ يُذْهِبْنَ السَّيِّاٰتِ **(ହୁଦ୍: 115)** ବାସ୍ତବରେ ପୁଣ୍ୟ କାର୍ଯ୍ୟଗୁଡ଼ିକ ପାପ କର୍ମକୁ ଦୂର କରିଦେଇଥାଏ । ଅତଏବ୍ ସେହି ପୁଣ୍ୟକାର୍ଯ୍ୟଗୁଡ଼ିକୁ ଓ ଆନନ୍ଦକୁ ହୃଦୟ ମଧ୍ୟରେ ସାଇତି ରଖି ବ୍ୟକ୍ତି ଯଦି ଦୁଆ କରେ ତେବେ ସେହି ନମାଜ ଯାହାକି ସତ୍ୟବାଦୀ ଓ କୃତଜ୍ଞତା ଜ୍ଞାପନକାରୀଙ୍କ ହୋଇଥାଏ ତାହାକୁ ପ୍ରାପ୍ତ ହୋଇଥାଏ ।

ଅଲ୍ଲାଃତାଲା କୁହନ୍ତି ଯେ, اِنَّ الْحَسَنٰتِ يُذْهِبْنَ السَّيِّاٰتِ ଅର୍ଥାତ୍ ପୁଣ୍ୟ କାର୍ଯ୍ୟ ଓ ପୁଣ୍ୟ କର୍ମଗୁଡ଼ିକ ପାପ କର୍ମକୁ ଦୂର କରିଦେଇଥାଏ କିମ୍ବା ଅନ୍ୟ ଏକ ସ୍ଥାନରେ କୁହନ୍ତି, ନମାଜ୍ ସମସ୍ତ ପ୍ରକାରର ଅଶ୍ଳୀଳ ଓ ମନ୍ଦ କାର୍ଯ୍ୟରୁ ନିବୃତ୍ତ କରେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ମୁଁ ଏହା ଅବଲୋକନ କରେ ଯେ, କେତେକ ଲୋକମାନେ ନମାଜ ପାଠ କରିବା ସତ୍ତ୍ୱେ ମଧ୍ୟ ପାପ କାର୍ଯ୍ୟ କରିଥାଆନ୍ତି । ଏହାର ଉତ୍ତର ଏହିକି ଯେ, ସେମାନେ ନମାଜ ତ' ପାଠ କରି ଥାଆନ୍ତି କିନ୍ତୁ ଆତ୍ମା ଏବଂ ସତ୍ୟନିଷ୍ଠତାର ସହିତ ନମାଜ ପାଠ କରନ୍ତି ନାହିଁ । ସେମାନେ କେବଳ ଔପଚାରକିତା ଓ ଅଭ୍ୟାସ ସ୍ୱରୂପ ମୁଣ୍ଡକୁ ଭୂମିରେ ବାଡ଼େଇ ମଥାନତ ହୁଅନ୍ତି । ପ୍ରକୃତରେ ସେମାନଙ୍କର ଆତ୍ମା ମୃତ ଅଟେ । ଅଲ୍ଲାଃତାଲା ସେମାନଙ୍କର ନାମ ହସ୍‌ନାତ୍ (ପୁଣ୍ୟକାର୍ଯ୍ୟ) ବୋଲି ଅଭିହିତ କଲେ ନାହିଁ । ଏଠାରେ ହସ୍‌ନାତର ଯେଉଁ ଶବ୍ଦଟି ରଖିଛନ୍ତି ବା ପ୍ରୟୋଗ କରିଛନ୍ତି କିନ୍ତୁ ଏଠାରେ ଅସ୍ ସଲାତ୍‌ର ଶବ୍ଦ ରଖିଲେ ନାହିଁ । ଏହା ସତ୍ତ୍ୱେ ଯେ, ନମାଜ ବିଶେଷତା ଓ ସୌନ୍ଦର୍ଯ୍ୟତା ଆଡ଼କୁ ଇଙ୍ଗିତ କରେ । କାରଣ ସେହି ନମାଜ ପାପ କାର୍ଯ୍ୟକୁ ଦୂରୀଭୂତ କରିଦେଇଥାଏ । ଯେଉଁମାନେ ନିଜ ମଧ୍ୟରେ ଏକ ସତ୍ୟତାର ଆତ୍ମା ରଖନ୍ତି ଓ ତେବେ କଲ୍ୟାଣର ପ୍ରଭାବ ତହିଁରେ ବିଦ୍ୟମାନ ରହିଛି । ନିଃସନ୍ଦେହ ରୂପେ ସେହି ନମାଜ ମନ୍ଦ କାର୍ଯ୍ୟକୁ ଦୂରୀଭୂତ କରିଦେଇଥାଏ । ନମାଜ କହିଲେ ଉଠା ବସା ନୁହେଁ । ବରଂ ନମାଜ୍‌ର ମର୍ମ ଓ ଆତ୍ମା ସେହି ଦୁଆ ରହିଛି ଯାହାକି ଏକ ଆନନ୍ଦ ଓ ମନୋବିନୋଦକୁ ନିଜ ମଧ୍ୟରେ ଅନ୍ତର୍ନିହିତ ରଖିଥାଏ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-162-164, ସଂସ୍କରଣ ବର୍ଷ-1984 ମସିହା)**

ହୁଜୁର ଅନ୍‌ୱର ଅ.ବ କହିଲେ, ଅତଏବ୍ ଆମମାନଙ୍କୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ଯେ, କ'ଣ ଆମେମାନେ ନମାଜ୍‌ରେ ଆନନ୍ଦ ପ୍ରାପ୍ତ କରୁଛେ କି ? ଆମେମାନେ ସଂପୂର୍ଣ୍ଣ ରୂପେ ସାଧନ ଉପରେ ଭରସା ଓ ନିର୍ଭର କରୁ ନାହୁଁ ତ' ? ଆମେମାନେ ଯଦି ନମାଜର ସୁରକ୍ଷାକାରୀ ଅଟୁ ତେବେ ଆମେମାନେ ବୈଅତ୍‌ର କର୍ତ୍ତବ୍ୟ ସମ୍ପାଦନକାରୀ ଅଟୁ, ନିଜର ଅଭିପ୍ରାୟକୁ ଚରିତାର୍ଥକାରୀ ବ୍ୟକ୍ତି ଅଟୁ । ଅନ୍ୟଥା ଏହା ଚିନ୍ତାଜନକ ଅବସ୍ଥା ଅଟେ । ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ ଜ୍ଞାନ ଓ ଅଧ୍ୟାତ୍ମ ଜ୍ଞାନରେ ଉନ୍ନତି ଏବଂ ସୈତାନ୍‌ର ଆକ୍ରମଣରୁ ବର୍ତ୍ତିବା ନିମନ୍ତେ ଧ୍ୟାନ ଆକର୍ଷଣ କରି ଏବଂ ମାର୍ଗଦର୍ଶକ ଓ ଶିଷ୍ୟ ମଧ୍ୟରେ କିପରି ସଂପର୍କ ରହିବା ଉଚିତ୍ ତତ୍‌ସଂକ୍ରାନ୍ତରେ କୁହନ୍ତି: "ଶିକ୍ଷକ ଓ ଶିଷ୍ୟର ଉଦାହରଣରୁ ବୁଝିନେବା ଉଚିତ୍ ଯେ, ଛାତ୍ର ଯେପରି ଶିକ୍ଷକଙ୍କ ଠାରୁ ଉପକୃତ ହୋଇଥାଏ ଠିକ୍ ସେହିପରି ଶିଷ୍ୟ ନିଜର ମାର୍ଗଦର୍ଶନକାରୀଙ୍କ ଠାରୁ ଉପକୃତ ହୋଇଥାଏ । ଯଦି ଛାତ୍ର ଶିକ୍ଷକ ବା ଗୁରୁଙ୍କ ସହିତ ସଂପର୍କ ତ' ରଖିଥାଏ କିନ୍ତୁ ଶିକ୍ଷାରେ ପାଦ ଆଗକୁ ବଢାଏ ନାହିଁ ତେବେ ସେପରିପ୍ରେକ୍ଷୀରେ ଲାଭାନ୍ୱିତ ଓ ଉପକୃତ ହୋଇପାରିବ ନାହିଁ। ଏହି ଅବସ୍ଥା ଶିଷ୍ୟର ରହିଛି । ସୁତରାଂ ଉକ୍ତ ସଂପ୍ରଦାୟରେ ସଂପର୍କ ସୃଷ୍ଟି କରି ନିଜ ମଧ୍ୟରେ ଅଧ୍ୟାତ୍ମ ଓ ଜ୍ଞାନକୁ ବୃଦ୍ଧି କରିବା ଉଚିତ୍ । ସତ୍ୟାନ୍ୱେଷୀଙ୍କୁ ଏକ ସ୍ଥାନରେ ପହଞ୍ଚି କଦାପି ଅଟକିଯିବା ଉଚିତ୍ ନୁହଁ । ଅନ୍ୟଥା ଅଭିଶପ୍ତ ସୈତାନ୍ ଅନ୍ୟ ଆଡ଼କୁ କାର୍ଯ୍ୟରେ ଲଗାଇ ଦେବ (ଅନ୍ୟ ମୁହାଁ କରାଇ ଦେବ) ଯେପରି ବନ୍ଦ ଜଳରେ ଦୁର୍ଗନ୍ଧ ସୃଷ୍ଟି ହୋଇଯାଇଥାଏ । ସ୍ଥିର ଜଳରେ ଦୁର୍ଗନ୍ଧ ସୃଷ୍ଟି ହୋଇଯାଇଥାଏ । କୀଟ ପୋକ ତହିଁରେ ସୃଷ୍ଟି ହୋଇଯାଇଥାଆନ୍ତି । ଯାହା ଅନେକ ରୋଗର କାରଣ ପାଲଟି ଯାଇଥାଏ । ଠିକ୍ ସେହିପରି ମନୁଷ୍ୟର ଅବସ୍ଥା ହୋଇଥାଏ ଯାହାକି ଗୋଟିଏ ସ୍ଥାନରେ ଆସି ଅଟକି ଗଲା । ସୁତରାଂ ଆମମାନଙ୍କୁ ପାଦ ଆଗକୁ ଅଗ୍ରସର କରିବା ଉଚିତ୍ । ସେହିପରି ଯଦି ବିଶ୍ୱାସକାରୀ ନିଜର ଉନ୍ନତି ନିମନ୍ତେ ଉଦ୍ୟମ ନକରେ ତେବେ ତା'ର ପତନ ହୋଇଥାଏ । ସୁତରାଂ ସୌଭାଗ୍ୟଶାଳୀ ବ୍ୟକ୍ତିମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଧର୍ମାନ୍ୱେଷଣରେ ଅଭ୍ୟସ୍ତ ରୁହନ୍ତୁ । ଆମ ପ୍ରିୟ ମନୁବି ସ.ଅଙ୍କ ଠାରୁ ବଳି ଅନ୍ୟ କୌଣସି ପୂର୍ଣ୍ଣ ବ୍ୟକ୍ତି ସଂସାରରେ ଅତିକ୍ରାନ୍ତ ହୋଇ ନାହିଁ। କିନ୍ତୁ ଆପଣ ସ.ଅଙ୍କୁ ମଧ୍ୟ رَبِّ زِدْنِيْ عِلْمًا ର ଦୁଆ କରିବା ନିମନ୍ତେ ଶିକ୍ଷା ପ୍ରଦାନ କରାଯାଇଥିଲା। ପୁନଶ୍ଚ ଆଉ କିଏ ସେହି ବ୍ୟକ୍ତି ଯିଏ ନିଜର ଅଧ୍ୟାତ୍ମ ପରିଚୟ ଓ ଜ୍ଞାନ ଉପରେ ପୂର୍ଣ୍ଣ ରୂପେ ଭରସା କରିପାରିବ ଏବଂ ଭବିଷ୍ୟତର ଉନ୍ନତିକୁ ଆବଶ୍ୟକ ବୋଲି ମନେ ନକରିବ । ମନୁଷ୍ୟ ଯେମିତି ଯେମିତି ନିଜର ଜ୍ଞାନ ତଥା ଅଧ୍ୟାତ୍ମ ପରିଚୟରେ ଉନ୍ନତି କରିବ ସେମିତି ସେମିତି ତା'କୁ ଜ୍ଞାତ ହୋଇଯିବ ଯେ, ଏବେ ବି ଅନେକ ପ୍ରସଙ୍ଗ ସମାଧାନଯୋଗ୍ୟ ହେବାର ଅଛି । କେତେକ ପ୍ରସଙ୍ଗକୁ ସେ ପ୍ରାରମ୍ଭିକ ଦୃଷ୍ଟିରେ ସେହି ସନ୍ତାନ ପରି ଯାହାକି ରେଖାଗଣିତ ବା ଜ୍ୟାମିତିକ ଚିତ୍ରକୁ ବାଯ୍ୟ ବୋଲି ମନେକରିଥାଏ । ଅର୍ଥାତ୍ ଜ୍ୟାମିତିକ ଚିତ୍ର ରହିଛି କିମ୍ବା ବିଭିନ୍ନ ବୃତ୍ତଚିତ୍ର (Diagram) ବୈଜ୍ଞାନିକଙ୍କ ତରଫରୁ ଅଙ୍କନ କରାଯାଇଥାଏ ସେହି ସବୁ ଚିତ୍ରକୁ ଛୋଟ ପିଲା ରେଖା ବୋଲି ମନେକରିଥାଏ । ସେ ଭାବିଥାଏ ଯେ, ଏହି ରେଖାର କୌଣସି ମୂଲ୍ୟ ନାହିଁ । ଅତଏବ୍ ଏହିପରି ଲୋକମାନେ ଏପରି ଅଟନ୍ତି ଯେଉଁମାନେ ଛୋଟ ପିଲାମାନଙ୍କ ପରି ସେହି ବସ୍ତୁଗୁଡ଼ିକୁ ସଂପୂର୍ଣ୍ଣ ରୂପେ ବାଯ୍ୟ ବୋଲି ମନେକରିଥିଲେ । ଆପଣ ଅ. କୁହନ୍ତି: "ପରିଶେଷରେ ସେମାନଙ୍କୁ ସେହି ପ୍ରସଙ୍ଗ ସବୁ ସତ୍ୟତା ଆକାରରେ ଦୃଶ୍ୟମାନ ହେଲା । ଯେତେବେଳେ ସେହି ପିଲାମାନେ ବଡ଼ ହେଲେ ସେମାନଙ୍କର ବୁଦ୍ଧି ଆସିଲା ସେତେବେଳେ ସେମାନଙ୍କୁ ଏହା ଜ୍ଞାତ ହେଲା ଯେ, ଏହି ଜ୍ୟାମିତିରେ ତ' ଅନେକ ଉପାଦେୟ ବସ୍ତୁ ରହିଛି । ଅତଃ ଏହା ଆବଶ୍ୟକ ଯେ, ନିଜର ସାମର୍ଥ୍ୟତାକୁ ପରିବର୍ତ୍ତନ କରିବା ସଙ୍ଗେସଙ୍ଗେ ନିଜର ଜ୍ଞାନକୁ ମଧ୍ୟ ବୃଦ୍ଧି କରିବା ଉଚିତ୍ । ତୁମେମାନେ ଅନେକ ବାଯ୍ୟ କଥାକୁ ପରିତ୍ୟାଗ କରି ଉକ୍ତ ସଂପ୍ରଦାୟକୁ ସ୍ୱୀକାର କରିଛ । ତେଣୁ ତୁମେମାନେ ଯଦି ଏସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ଚାକ୍ଷୁଷିକତା ପ୍ରାପ୍ତ କରିବ ନାହିଁ ତେବେ ଏହି ସଂପ୍ରଦାୟରୁ ତୁମକୁ କ'ଣଟା ଲାଭ ମିଳିଲା ? ତୁମର ବିଶ୍ୱାସ ଏବଂ ଅଧ୍ୟାତ୍ମ ପରିଚୟରେ ଶକ୍ତି କିପରି ସୃଷ୍ଟି ହେବ ? ସାମାନ୍ୟ କଥାକେ ସନ୍ଦେହ ଓ ସଂଶୟ ସୃଷ୍ଟି ହେବ ଓ ପରିଶେଷରେ ପାଦ ବିଚଳିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ।"

**(ମଲ୍‌ଫୁଜାତ୍, ଭାଗ-3, ପୃ-,193, ପ୍ରକାଶନ ବର୍ଷ 1984 ମସିହା)**

ସୁତରାଂ କେତେକ ଲୋକମାନେ ଯେଉଁମାନଙ୍କର ବିଶ୍ୱାସ ବିଚଳିତ ହୋଇଥାଏ, ତାହା ଏଇଥିପାଇଁ ଯେ, ସେମାନେ ଜ୍ଞାନରେ ଉନ୍ନତି କରୁ ନାହାନ୍ତି କିମ୍ବା ନିଜର ମନଗଢା ଓ କପୋଳକଳ୍ପିତ ବ୍ୟାଖ୍ୟା ଏବଂ ସ୍ୱଷ୍ଟୀକରଣ ପ୍ରଦାନ କରିଥାଆନ୍ତି ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକର ଅଧ୍ୟୟନ କରନ୍ତି ନାହିଁ । ଆମେମାନେ ଯଦି ଧାର୍ମିକ ଜ୍ଞାନ ଆଡ଼କୁ ଧ୍ୟାନ ଦେଉ ତାହାହାଲେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ମଧ୍ୟ ବିଶ୍ୱାସରେ ମଧ୍ୟ ଆମେମାନେ ଉନ୍ନତି କରିବୁ । ଇସ୍‌ଲାମ୍ ଧର୍ମ ଓ ଅହେମଦିୟତ୍‌ର ସତ୍ୟତା ଉପରେ ମଧ୍ୟ ବିଶ୍ୱାସରେ ଆମେମାନେ ଅଗ୍ରସର ହେବୁ, ଇସ୍‌ଲାମ୍ ଧର୍ମ ଓ ଅହେମଦିୟତ୍‌ର ସତ୍ୟତା ଉପରେ ମଧ୍ୟ ବିଶ୍ୱାସରେ ଉନ୍ନତି କରିବୁ । ନିଜର ସନ୍ତାନମାନଙ୍କ ବିଶ୍ୱାସର ମଧ୍ୟ ସୁରକ୍ଷାକର୍ତ୍ତା ସାଜିବୁ । ହୁଜୁର ଅନ୍‌ୱର ଅ.ବ କହିଲେ, ଏହି ଦିଗ ପ୍ରତି ମଧ୍ୟ ଧ୍ୟାନ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି । ଆପଣ ଅ.ସ କୁହନ୍ତି, ତୁମେମାନେ ଯଦି ମୋର ବୈଅତ୍ କରିଛି ତାହାହେଲେ ତୁମେମାନେ ମୋତେ ହକମ୍ (ନିର୍ଣ୍ଣୟକାରୀ) ଓ ଅଦଲ୍ (ନ୍ୟାୟ ପ୍ରଦାନକାରୀ) ରୂପେ ସ୍ୱୀକାର କର । ଉକ୍ତ କଥା ଉପରେ ବିଶ୍ୱାସ ରଖ ଯେ, ମୁଁ ଯେଉଁ କଥା କହିବି ତାହା ଈଶ୍ୱର ଓ ତାହାଙ୍କ ପ୍ରିୟତମ ବାର୍ତ୍ତାବହଙ୍କ ଶିକ୍ଷାନୁଯାୟୀ ହିଁ କହିବି, ଅଲ୍ଲାଃତାଲାଙ୍କ ବିଶେଷ ମାର୍ଗଦର୍ଶନ ଅନୁଯାୟୀ କହିବି । ସୁତରାଂ ଆପଣ ଅ.ସ କୁହନ୍ତି: "ନିଜ ବିଶ୍ୱାସରେ ଏହି ଅବସ୍ଥା ସୃଷ୍ଟି କର ଯେ, ହକମ୍ ଓ ଅଦଲ୍ (ନିର୍ଣ୍ଣୟକାରୀ ଏବଂ ନ୍ୟାୟ ପ୍ରଦାନକାରୀ)ଙ୍କ ନିର୍ଣ୍ଣୟକୁ ସମ୍ମାନ ଚକ୍ଷୁରେ ଅବଲୋକନ କର ।"

ଆପଣ ଅ. କୁହନ୍ତି: "ଯେଉଁ ବ୍ୟକ୍ତି ବିଶ୍ୱାସ ଆଣିଥାଏ ତା'କୁ ନିଜର ବିଶ୍ୱାସରୁ ବିଶ୍ୱାସ ଓ ବୁଦ୍ଧିମତା ପର୍ଯ୍ୟନ୍ତ ଉନ୍ନତି କରିବା ଉଚିତ୍ । ନା କି ସେ କୁଧାରଣାରେ ପିଡ଼ୀତ ଓ ଗିରଫ ହୋଇଯାଉ । ମନେରଖ (କୁ)ଧାରଣା ଲାଭଦାୟକ ସାବ୍ୟସ୍ତ ହୋଇପାରିବ ନାହିଁ । ହିଁ କୁଧାରଣା ସୃଷ୍ଟି ହୋଇଥାଏ । ଏ ସଂପର୍କରେ ଅଲ୍ଲାଃତାଲା କୁହନ୍ତି: "اِنَّ الظَّنَّ لَا يُغْنِيْ مِنَ الْحَقِّ شَيْـًٔا **(ୟୁନୁସ୍: 37)** ନିଃସନ୍ଦେହ ରୂପେ ସତ୍ୟ ପରିବର୍ତ୍ତେ ଅନୁମାନ କୌଣସି କାର୍ଯ୍ୟରେ ଲାଗେ ନାହିଁ । ଅନୁମାନ କରିବା ସତ୍ୟ ଠାରୁ ନିସ୍ପୃହ କରିପାରିବ ନାହିଁ । ସେ ଯାହା ହେଉ ସତ୍ୟ ଏହିକି ଯେ, କୁଧାରଣା ସୃଷ୍ଟି କରିବା ଦ୍ୱାରା ସତ୍ୟ ଲୁଚିଯାଇ ନଥାଏ । ବିଶ୍ୱାସ ହିଁ ଏପରି ଏକ ବସ୍ତୁ ଯାହାକି ମନୁଷ୍ୟକୁ ଲକ୍ଷ୍ୟ ସ୍ଥଳ ପର୍ଯ୍ୟନ୍ତ ପହଞ୍ଚାଇଥାଏ ଓ କୃତକାର୍ଯ୍ୟ କରାଇଥାଏ । ବିଶ୍ୱାସ ବ୍ୟତୀରେକ କୌଣସି କାର୍ଯ୍ୟ ହୋଇ ନଥାଏ । ମନୁଷ୍ୟ ଯଦି କଥା କଥାକେ କୁଧାରଣ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ପ୍ରକାଶ କରିବାକୁ ଲାଗେ ତେବେ ସମ୍ଭବତଃ ସେ ମୁହୂର୍ତ୍ତକ ପାଇଁ ମଧ୍ୟ ସଂସାରରେ ଜୀବନ ବିତାଇବା କଷ୍ଟକର ହୋଇଯିବ । ଯଦି ସାଂସାରିକ କଥାରେ ତୁମେମାନେ କୁଧାରଣା କରିବାକୁ ଲାଗିପଡ଼ିବ । ସେହି ଠାରେ ହିଁ ଉଦାହରଣ ଦେଖିନିଅ । ବ୍ୟକ୍ତି ସେହି ଜଳକୁ ସେ ପାନ କରିପାରିବ ନାହିଁ । କାରଣ ତହିଁରେ (ସେହି ଜଳରେ) ବିଷ ମିଶାଇ ଦିଆଯାଇଥିବ । ବଜାରର ଜିନିଷ ଖାଇ ପାରିବ ନାହିଁ । କାରଣ ତହିଁରେ ପ୍ରାଣନାଶକ କୌଣସି ପଦାର୍ଥ ମିଶାଇ ଦିଆଯାଇଥିବ । ପୁନଶ୍ଚ କିପରି ସେ ରହିପାରିବ ? ଏହା ଏକ ସବୁଠୁ ବଡ଼ ଉଦାହରଣ ଅଟେ ।"

ଯେଉଁ ଲୋକମାନଙ୍କୁ ଭ୍ରମର ରୋଗ ହୋଇଥାଏ ସେମାନେ ଏହିପରି ଭାବି ଭାବି ନିଜର ଜୀବନକୁ ପୀଡ଼ା ଦେଇଥାଆନ୍ତି ଓ ସମାପ୍ତ କରି ଦିଅନ୍ତି । ଆଧ୍ୟାତ୍ମିକ ପ୍ରସଙ୍ଗରେ ମଧ୍ୟ ଏହି ବସ୍ତୁ ଦେଖିବା ଉଚିତ୍ । କାରଣ ଏପରି କୁଧାରଣା ଯେପରି ସୃଷ୍ଟି ନହେଉ । ଆପଣ ଅ.ସ କହିଲେ, ସେହିପରି ମନୁଷ୍ୟ ଆଧ୍ୟାତ୍ମିକ ପ୍ରସଙ୍ଗରେ ତହିଁରୁ ଲାଭାନ୍ୱିତ ହୋଇପାରିବ । ବର୍ତ୍ତମାନ ତୁମେମାମେନ ନିଜେ ଚିନ୍ତା କରିନିଅ ଓ ନିଜର ହୃଦୟରେ ନିଷ୍ପତ୍ତି କରିନିଅ ଯେ, କ'ଣ ତୁମେମାନେ ମୋ ହସ୍ତରେ ଯେଉଁ ବୈଅତ୍ କରିଅଛ ଏବଂ ମୋତେ ପ୍ରତିଶୃତ ମସିହ୍, ବିଚାରକ, ନ୍ୟାୟପ୍ରଦାନାକୀର ରୂପେ ସ୍ୱୀକାର କରିଛ ତେବେ ଏହି ମାନିବା ପରେ ମୋର ଯେକୌଣସି ନିଷ୍ପତ୍ତି କିମ୍ବା କର୍ମ ଉପେର ଯଦି ହୃଦୟରେ କୌଣସି କଳୁଷତା ଅପବିତ୍ରତା କିମ୍ବା ଦୁଃଖ ଆସେ ତେବେ ନିଜ ବିଶ୍ୱାସର ଚିନ୍ତା କରିନିଅ । ସେହି ବିଶ୍ୱାସ ଯାହାକି ଆଶଙ୍କା ଏବଂ ଲାଞ୍ଛନା ଦ୍ୱାରା ପରିପୂର୍ଣ୍ଣ ତାହା କୌଣସି ସୁଫଳ ସୃଷ୍ଟିକାରୀ ହେବ ନାହିଁ । କିନ୍ତୁ ଯଦି ତୁମେମାନେ ସତ୍ୟହୃଦୟ ହୋଇ ମୋତେ ସ୍ୱୀକାର କରିନେଇଛ ଯେ, ମୁଁ ହିଁ ପ୍ରତିଶୃତ ମସିହ୍ ଓ ହକମ୍ ଏବଂ ଅଦଲ୍ ଅଟେ ତେବେ ଏହି ଆଦେଶାବଳୀ ତଥା କୃତ୍ୟ ସମ୍ମୁଖରେ ନିଜର ଅସ୍ତ୍ରକୁ ପକାଇ ଦିଅ ଅର୍ଥାତ୍ ଆତ୍ମସମର୍ପଣ କରିଦିଅ। ତାହାଙ୍କ (ମସିହ୍, ହକମ୍, ଅଦଲ୍‌ଙ୍କ) ନିଷ୍ପତ୍ତିକୁ ସମ୍ମାନ ଚକ୍ଷୁରେ ଦେଖ । କାରଣ ତୁମେ ରସୁଲ୍ କରୀମ୍ ସ.ଅଙ୍କ ପବିତ୍ର କଥାରୁ ସମ୍ମାନ ଏବଂ ମର୍ଯ୍ୟାଦା ପ୍ରଦାନକାରୀ ବ୍ୟକ୍ତି ରୂପେ ବିବେଚିତ ହେବ । ରସୁଲ୍ କରୀମ୍ ସ.ଅଙ୍କ ସାକ୍ଷ୍ୟ ଯଥେଷ୍ଟ ଅଟେ। ଆପଣ ସ.ଅ ଆଶ୍ୱାସନା ଦେଉଛନ୍ତି ଯେ, ପ୍ରତିଶୃ ମସିହ୍ ତୁମମାନଙ୍କର ଇମାମ ହେବ । ସେ ହକମ୍ ଓ ଅଦଲ୍ ହେବ । ସେହି ପ୍ରତିଶୃତ ମସିହ୍ ଉପରେ ଏବଂ ସାକ୍ଷ୍ୟ ଉପରେ ଭରସା ହେଉ ନାହିଁ ତେବେ ଆଉ କେବେ ଓ କାହା ଉପରେ ସନ୍ତୁଷ୍ଟ ଓ ଭରସା ହେବ ? ମୁଁ ଯଦି ସତ୍ୟବାଦୀ ନୁହେଁ ତାହାହେଲେ ଯାଅ ଅନ୍ୟ କୌଣସି ସତ୍ୟବାଦୀର ସନ୍ଧାନ କର ବା ଅନ୍ୟ କୌଣସି ସତ୍ୟବାଦୀ ଖୋଜିଆଣ । ନିଃସନ୍ଦେହ ରୂପେ ସେତେବେଳେ ଅନ୍ୟ ସତ୍ୟବାଦୀ ମିଳି ପାରିବ ନାହିଁ ଓ ଯଦି ଅନ୍ୟ ସତ୍ୟବାଦୀ ନମିଳେ ଓ କଦାପି ମିଳିବ ନାହିଁ । ତେଣୁ ମୁଁ କେବଳ ଏତିକି ଅଧିକାର ଭିକ୍ଷା କରୁଛି ଯେତିକି ଅଧିକାର ମୋତେ ରସୁଲ୍ କରୀମ୍ ସ.ଅ ଦେଇଥିଲେ ।

ଯେଉଁ ଲୋକମାନେ ମୋତେ ପ୍ରତ୍ୟାଖ୍ୟାନ କଲେ ଓ ଯେଉଁମାନେ ମୋ ଉପରେ ଆପତ୍ତି କରନ୍ତି, ସେମାନେ ମୋତେ ଚିହ୍ନି ପାରିଲେ ନାହିଁ ଓ ଯେଉଁ ବ୍ୟକ୍ତି ମୋତେ ସ୍ୱୀକାର କଲା ଓ ମୋତେ ସ୍ୱୀକାର କଲା ପରେ ବି ମୋ ଉପର୍ ଆପତ୍ତି ମଧ୍ୟ କରେ ତେବେ ସେହି ବ୍ୟକ୍ତି ଆହୁରି ହତଭାଗ୍ୟ ଅଟେ । କାରଣ ସେ ସତ୍ୟକୁ ଦେଖି ମଧ୍ୟ ଅନ୍ଧ ହୋଇଗଲା । ବାସ୍ତବତା ଏହିକି ଯେ, ସମକାଳୀନତା ଓ ସାଂପ୍ରତିକତା ମଧ୍ୟ ମର୍ଯ୍ୟାଦାକୁ ହ୍ରାସ କରି ଦେଇଥାଏ । ସେଇଥି ପାଇଁ ହ. ମସିହ୍ ମଉଦ୍ ଅ.ସ କୁହନ୍ତି; "ଅବତାର ନିଜ ଦେଶରେ ହିଁ ଅସମ୍ମାନିତ ଓ ତିରସ୍କୃତ ହୋଇଥାଏ । ଅନ୍ୟ ଦେଶରେ ତିରେସ୍କୃତ ହୋଇ ନଥାଏ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଆଁହଜରତ ସ.ଅଙ୍କୁ ଓ ସାହାବାମାନଙ୍କୁ ନିଜର ଦେଶବାସୀଙ୍କ ଠାରୁ କେଉଁ କେଉଁ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡୁଥିଲା । ସୁତରାଂ ଅବତାରମାନଙ୍କ ସହିତ ଯଦି ଏହିପରି ପରମ୍ପରା ରହି ଆସିଛି ତେବେ ଆମେମାନେ ସେମାନଙ୍କ ଠାରୁ ନିଜକୁ କିପରି ବା ଭିନ୍ନ ଓ ପୃଥକ୍ ହୋଇ ପାରିବୁ ? "

ଅବତାରମାନଙ୍କର ବିରୋଧ ହୋଇଥାଏ । ଯଦି ଆମମାନଙ୍କର ମଧ୍ୟ ଏହିପରି ବିରୋଧ ପ୍ରଦର୍ଶନ ହେଉଛି । ତେବେ ଏହା ତ' କୌଣସି ଏପରି କଥା ନୁହଁ । ତେଣୁ ଆମମାନଙ୍କୁ ନିଜର ବିରୋଧୀମାନଙ୍କ ଠାରୁ ଯାହା କିଛି ଶୁଣିବାକୁ ପଡ଼ିଲା ତାହା ସେହି ସୁନ୍ନତ୍ ଅନୁଯାୟୀ ଅଟେ ଅର୍ଥାତ୍ مَا يَأْتِيهِم مِّن رَّسُولٍ إِلَّا كَانُوا بِهِ يَسْتَهْزِءُونَ **(ଅଲ୍ ହଜର୍: 12)** ଏବଂ ସେମାନଙ୍କ ନିକଟକୁ ଏପରି କେହି ରସୁଲ୍ ଆସି ନଥିଲେ ଯାହାକୁ ସେମାନେ ପରିହାସ କରି ନଥିଲେ । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଏହି ଲୋକମାନେ ସତ୍ଉଦ୍ଦେଶ୍ୟ ରଖି ମୋ ନିକଟକୁ ଆସନ୍ତେ ତେବେ ମୁଁ ସେମାନଙ୍କୁ ତାହା ଅବଲୋକନ କରାଇ ଥାଆନ୍ତି ଯାହା ଈଶ୍ୱର ମୋତେ ପ୍ରଦାନ କରିଛନ୍ତି । ସେହି ଈଶ୍ୱର ସ୍ୱୟଂ ସେମାନଙ୍କ ଉପରେ ନିଜର କୃପା କରନ୍ତେ ଏବଂ ସେମାନଙ୍କୁ ବୁଝାଇ ଦିଅନ୍ତେ । କିନ୍ତୁ ସେମାନେ କାର୍ପଣ୍ୟତା (କୃପଣତା) ଏବଂ ଈର୍ଷାକୁ ବିନିଯୋଗ କଲେ । ବର୍ତ୍ତମାନ ମୁଁ ସେମାନଙ୍କୁ କିପରି ବୁଝାଇବି ?

ହୁଜୁର ଅନ୍ୱର୍ ଅ.ବ କହିଲେ, ଏବେ ମଧ୍ୟ ଜମାଅତ୍‌କୁ 132 ବର୍ଷ ହୋଇଯାଇଛି। କିନ୍ତୁ ଏହି ଲୋକମାନେ ନିଦର୍ଶନକୁ ଦେଖି ମଧ୍ୟ ଶିକ୍ଷା ପ୍ରାପ୍ତ କରୁ ନାହାନ୍ତି । ହୁଜୁର ଅ.ବ କୁହନ୍ତି: "ମନୁଷ୍ୟ ଯେତେବେଳେ ସତ୍‌ହୃଦୟ ହୋଇ ସତ୍ୟାନ୍ୱେଷୀ ସକାଶେ ଧାଇଁ ଆସିଥାଏ ସେତେବେଳେ ସମସ୍ତ ନିଷ୍ପତ୍ତି ସମ୍ପାଦିତ ହୋଇଯାଇଥାଏ । କିନ୍ତୁ ଯେତେବେଳେ ମନ୍ଦ କଥା ଓ ଉପଦ୍ରବତା ଅଭିପ୍ରାୟ ହୋଇଥାଏ ତେବେ ସେପରିପ୍ରେକ୍ଷୀରେ କିଛି ବି ହୋଇପାରିବ ନାହିଁ ।"

ଆପଣ ଅ.ସ '**ହିଜଜୁଲ୍ କିରାମା**'ରେ ଇବ୍‌ନେ ଅରବି ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ମସିହ୍ ମଉଦ୍ (ପ୍ରତିଶୃତ ମସିହ୍) ଆବିର୍ଭୂତ ହେବେ ସେତେବେଳେ ତାଙ୍କୁ ମିଥ୍ୟାଚାରୀ ଓ ମୂର୍ଖ ବୋଲି ବିବେଚିତ କରାଯିବ । ଏପର୍ଯ୍ୟନ୍ତକି ତାଙ୍କୁ ଏହା ମଧ୍ୟ କୁହାଯିବ ଯେ, ସେ ଧର୍ମକୁ ପରିବର୍ତ୍ତନ କରିବା ଚେଷ୍ଟା କରୁଛନ୍ତି । ବର୍ତ୍ତମାନ ଏହିପରି ହେଉଅଛି । ଏହି ପ୍ରକାରର ଆରୋପ ମୋ ଉପରେ ଲଗାଯାଉଛି। ସେହି ସନ୍ଦେହରୁ ମନୁଷ୍ୟ ସେତେବେଳେ ମୁକ୍ତିଲାଭ କରିଥାଏ ଯେତେବେଳେ ସେ ନିଜର ଶ୍ରମ ଜନିତ ପୁସ୍ତକକୁ ଘୋଡ଼ାଇ ନେବ ଏବଂ ତାହା ପରିବର୍ତ୍ତେ ସେ ଏହି ଚିନ୍ତା କରୁ କି ଉକ୍ତ ଦାବିକର୍ତ୍ତା ଜଣକ ସତ୍ୟବାଦୀ ଅଟନ୍ତି ଅବା ନୁହେଁ । କେତେକ ପକ୍ଷ ନିଃସନ୍ଦେହ ରୂପେ ବୋଧଗମ୍ୟତାରୁ ବହିର୍ଭୂତ ହୋଇଥାଏ । କିନ୍ତୁ ଯେଉଁ ଲୋକମାନେ ଅବତାରମାନଙ୍କ ଉପରେ ବିଶ୍ୱାସ ଆଣି ଥାଆନ୍ତି ସେମାନେ ସୁଧାରଣା ଏବଂ ଧୈର୍ଯ୍ୟ ଓ ନିରନ୍ତରତା ଦ୍ୱାରା ଏକ ସମୟକୁ ଅପେକ୍ଷା କରି ବସିଥାଆନ୍ତି । ତେବେ ଅଲ୍ଲାଃତାଲା ସେମାନଙ୍କ ଉପରେ ପ୍ରକୃତ ବାସ୍ତବତାକୁ ଉନ୍ମୁକ୍ତ କରିଦେଇ ଥାଆନ୍ତି । ରସୁଲ୍ କରୀମ୍ ସ.ଅଙ୍କ ସମୟରେ ସାହାବାମାନେ ପ୍ରଶ୍ନ କରୁ ନଥିଲେ । ବରଂ ଅଭିଳାଷୀ ଏବଂ ଅପେକ୍ଷା କରୁଥିଲେ ଯେ, କୌଣସି ବ୍ୟକ୍ତି ଆସି ଆଁହଜରତ ସ.ଅଙ୍କୁ ପ୍ରଶ୍ନ ପଚାରୁ । ତେବେଯାଇ ସେମାନେ ଉପକୃତ ହେଉଥିଲେ । ଅନ୍ୟଥା ସାହାବାମାନେ ନୀରବ, ମୁଣ୍ଡ ନୁଆଁଇ ବସି ରହୁଥିଲେ ଓ ପ୍ରଶ୍ନ ପଚାରିବା ପାଇଁ ସାହାସ କରୁ ନଥିଲେ । ମୋ ନିକଟରେ ପ୍ରକୃତ ଓ ସର୍ବୋତ୍କୃଷ୍ଟ ତଥା ସଠିକ୍ ପନ୍ଥା ଏହିକି ଯେ, ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଯେଉଁ ବ୍ୟକ୍ତି ନବୀ ସ.ଅଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାର ପନ୍ଥା ଅବଲମ୍ବନ କରେ ନାହିଁ ସମ୍ଭବତଃ ସେହି ବ୍ୟକ୍ତି ନିହତ ହୋଇ ନଯାଉ ।"

**(ମଲ୍‌ଫୁଜାତ୍. ଭାଗ-3, ପୃ-73-75, ସଂସ୍କରଣ ବର୍ଷ 1984 ମସିହା)**

ଯେତେବେଳେ ଲୋକମାନେ ଆପଣ ଅ.ସଙ୍କ ସଭାରେ ବସିଥିଲେ ସେହି କାଳର କଥା ଆପଣ ଅ.ସ କହୁଛନ୍ତି । ଆଜି ଆପଣ ଅ.ସଙ୍କ ପୁସ୍ତକକୁ ଦେଖିବା ପରେ ମଧ୍ୟ, ପାଠ କରିବା ପରେ ମଧ୍ୟ ଓ ପ୍ରାମାଣ୍ୟ ଶୁଣିବା ପରେ ମଧ୍ୟ ଏହି ପ୍ରକାରର କଥାବାର୍ତ୍ତା ଲୋକମାନେ କରୁଛନ୍ତି । ଆପଣ ଅ.ସ କୁହନ୍ତି: "ଏହି ଲୋକମାନେ ନବୀ ସ.ଅଙ୍କ ସମ୍ମାନ ଓ ମର୍ଯ୍ୟାଦାକୁ ମଧ୍ୟ ବୁଝୁ ନାହାନ୍ତି ଏବଂ ଏହି ଆଶଙ୍କା ରହିଛି ଯେ, ସେମାନଙ୍କର ବିନାଶ ନଘଟୁ ।"

ସୁତରାଂ ମୁସଲମାନମାନେ ତ' ନିଜର ଦୁର୍ଭାଗ୍ୟତା ଯୋଗୁଁ ଏହି ବାର୍ତ୍ତା ଶୁଣିବା ଓ ବୁଝିବାରେ ଅତ୍ୟନ୍ତ ଟାଳଟୁଳ ଏବଂ ବିତର୍କ କରନ୍ତି । ସେମାନଙ୍କର ଏତାଦୃଶ ଦୁଃଖାର୍ତ୍ତ ଅବସ୍ଥା ମଧ୍ୟ ସେମାନଙ୍କୁ ଏଥିପ୍ରତି ଧ୍ୟାନ ଆକୃଷ୍ଟ କରୁ ନାହାନ୍ତି ଯେ, ଦେଖନ୍ତୁ ଯେ, କେଉଁ କାରଣ ରିହଛି ଯେ, ଆମର ଏହିପରି ଶୋଚନୀୟ ଅବସ୍ଥା ହୋଇଛି? ସାମଗ୍ରିକ ଜାତି ହିସାବରେ ଆମେମାନେ କ'ଣ ହେଉଛୁ । ଯୁଗ ମଧ୍ୟ ଅଛି ଓ ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ମଧ୍ୟ ସଂପୂର୍ଣ୍ଣ ହେଉଅଛି । ତେବେ ଅନ୍ତତଃ ଆଗମନକାରୀ ପ୍ରତିଶୃତ ମସିହ୍‌ଙ୍କୁ ସନ୍ଧାନ କରନ୍ତୁ । ଆପଣ ଅ.ସ କହିଲେ, "ମୁଁ ଯଦି ନୁହେଁ ତାହାହେଲେ ଆଉ କେହି ହୋଇଥାଆନ୍ତା । କିନ୍ତୁ ତୁମମାନଙ୍କୁ ଆଉ କେହି ମିଳିବେ ନାହିଁ । କିନ୍ତୁ ସଂସାରିକ କର୍ମଜଞ୍ଜାଳରେ ପଡ଼ି ସବୁଚିଛି ଭୁଲି ଯାଉଛନ୍ତି । କିନ୍ତୁ ଆମମାନଙ୍କର ଏହି କର୍ତ୍ତବ୍ୟ ତଥାପି ରହିଛି ଆମେମାନେ ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବୁ ଓ ପ୍ରତିଶୃତ ମସିହ୍ ଅ.ସଙ୍କର ବାର୍ତ୍ତାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପହଞ୍ଚାଇବୁ ଓ କେବଳ ମୁସଲମାନମାନଙ୍କ ପର୍ଯ୍ୟନ୍ତ ନୁହେଁ ବରଂ ପ୍ରତ୍ୟେକ ସଦସ୍ୟଙ୍କ ପର୍ଯ୍ୟନ୍ତ ସେ ପଛେ ଯେକୌଣସି ଧର୍ମାବଲମ୍ବୀ ହୁଅନ୍ତୁ ପଛେ ଅବା ନାସ୍ତିକବାଦୀ ହୁଅନ୍ତୁ ପଛେ ଏହି ବାର୍ତ୍ତା ଅବଶ୍ୟ ପହଞ୍ଚାନ୍ତୁ ।"

ବର୍ତ୍ତମାନ ତ' ଆମର ଆହୁରି ଅନେକ କାମ ବାକି ରହିଛି । ଜର୍ମାନୀରେ ଜମାଅତ୍‌କୁ ଶହେ ବର୍ଷ ପୂର୍ତ୍ତି ଅବସରରେ ମଧ୍ୟ ଆମେମାନେ ଜର୍ମାନ ବାସୀଙ୍କ ପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଇ ପାରିଲୁ ନାହିଁ । ତେଣୁ ସେହି ଦୃଷ୍ଟିରୁ ନିଜ ନିଜର ସମୀକ୍ଷା କରିବାର ଆବଶ୍ୟକତା ରହିଛିନ । ଇସ୍‌ଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଇବା ଓ ତବ୍‌ଲିଗ୍ ପ୍ରତି ଧ୍ୟାନ ଆକର୍ଷଣ କରି ଆପଣ ଅ.ସ କୁହନ୍ତି: "ବର୍ତ୍ତମାନ ଆମର ଦୁଇଟି ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି । ତାହା ଏହିକି ଯେ, 1- ଆରବରେ ଆରବୀ ଭାଷାରେ ପୁସ୍ତକ ପ୍ରକାଶ ହେଉ ଓ 2- ଅନ୍ୟ ଇଉରୋପ ରାଷ୍ଟ୍ରବାସୀଙ୍କ ଉପରେ ମଧ୍ୟ ପ୍ରମାଣ ପୂର୍ଣ୍ଣ ହେଉ । ଆରବ ଉପରେ ଏଇଥି ପାଇଁ ଯେ, ଆଭ୍ୟନ୍ତରୀଣ ରୂପେ ସେମାନେ ଏହାର ଅଧିକାରୀ ଅଟନ୍ତି । ଏକ ବହତ୍ ଅଂଶ ଏପରି ହେବ ଯେ, ସେମାନଙ୍କୁ ଜ୍ଞାତ ମଧ୍ୟ ହେବ ନାହିଁ ଯେ, ଈଶ୍ୱର କୌଣସି ପରମ୍ପରା ସ୍ଥାପନ କରିଛନ୍ତି ।

ପୂର୍ବକାଳ ଦୃଷ୍ଟିରୁ ଆମମାନଙ୍କର ପ୍ରୟାସ ମଧ୍ୟ ବୃଦ୍ଧି ପାଇଛି କିନ୍ତୁ ଆଜି ମଧ୍ୟ ସତ୍ୟତା ଏହା ରହିଛି ଯେ, ପ୍ରତ୍ୟେକ ଆରବବାସୀଙ୍କ ପର୍ଯ୍ୟନ୍ତ ଆମମାନଙ୍କର ସନ୍ଦେଶ ବର୍ତ୍ତମାନ ସୁଦ୍ଧା ପହଞ୍ଚି ପାରି ନାହିଁ । ଯଦିବି ପହଞ୍ଚିଛି ତେବେ ବିରୋଧୀମାନଙ୍କ ମାଧ୍ୟମରେ ଯେଉଁମାନେ ହ. ମସିହ୍ ମଉଦ୍ ଅ.ସଙ୍କ ନାଁକୁ ତାଚ୍ଛଲ୍ୟ ଓ ଉପହାସ କରି କାଦିଆନୀ ନାଁ ଦ୍ୱାରା ଆମମାନଙ୍କୁ ଡାକନ୍ତି ଓ ଆମମାନଙ୍କୁ ସଂସାରରେ କିମ୍ବା ନିଜର ଲୋକମାନଙ୍କ ମଧ୍ୟରେ ପରିଚୟ ପ୍ରଦାନ କରାଇଛନ୍ତି ଏବଂ ପ୍ରତ୍ୟେକ ମିଥ୍ୟା ଓ ମନଗଢା କାହାଣୀ ହ. ମସିହ୍ ମଉଦ୍ ଅ.ସଙ୍କ ସଂକ୍ରାନ୍ତରେ ଲୋକମାନଙ୍କୁ କୁହାଯାଇଛି । ଏକ ପକ୍ଷର ବାର୍ତ୍ତା ସେମାନଙ୍କୁ ନିକଟରେ ପହଞ୍ଚିଛି । ଜମାଅତ୍‌ର ଯଦି

ପରିଚୟ ରହିଛି ତେବେ ବିରୋଧୀମାନଙ୍କ ମାଧ୍ୟମରେ ରହିଛି । କିନ୍ତୁ ଆମମାନଙ୍କ ଦ୍ୱାରା ଏବେ ମଧ୍ୟ ଭଲ ଭାବରେ ପରିଚୟ ସେମାନଙ୍କୁ ପ୍ରଦାନ କରାଯାଇ ନାହିଁ ।

ସେ ଯାହା ହେଉ ନା କାହିଁକି ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନଙ୍କ ପର୍ଯ୍ୟନ୍ତ ଆମେମାନେ ସନ୍ଦେଶକୁ ପହଞ୍ଚାଇବା ଉଚିତ୍ । ଯଦି ପହଞ୍ଚାଇଲୁ ନାହିଁ ତେବେ ଆମକୁ ଦୋଷ ଲାଗିବ । ଠିକ୍ ସେହିପରି ଇଉରୋପବାସୀ ମଧ୍ୟ ଏହାର ଅଧିକାରୀ ଅଟନ୍ତି ଯେ, ସେମାନଙ୍କ ଦୋଷ ଦୁର୍ବଳତା ପ୍ରକାଶିତ କରାଯାଉ । ଅର୍ଥାତ୍ ପଦାକୁ ଚାଲିଆସୁ । କାରଣ ସେମାନେ ଜଣେ ଭକ୍ତକୁ ଈଶ୍ୱର କରି ଈଶ୍ୱରଙ୍କ ଠାରୁ ଦୂରେଇ ଯାଇଛନ୍ତି । ଇଉରୋପବାସୀଙ୍କର ତ' ଏହି ଅବସ୍ଥା ହୋଇ ଯାଇଛି ଯେ, ପ୍ରକୃତ ରୂପେ أَخْلَدَ إِلَى الْأَرْضِ ର ଚରିତାର୍ଥ ହୋଇଗଲା । ଅର୍ଥାତ୍ ସେମାନେ ଭୂମି ଆଡ଼କୁ ଆନତ ହୋଇ ଯାଇଛନ୍ତି । ସାଧାରଣ ରୂପେ ଲୋକମାନଙ୍କ ମଧ୍ୟରେ ସାଂସାରିକତା ବ୍ୟତୀତ ଅନ୍ୟ କୌଣସି ବସ୍ତୁ ସଂପର୍କରେ ଭୃକ୍ଷେପ କରନ୍ତି ନାହିଁ । ଆମମାନଙ୍କର କେତେକ ଲୋକମାନେ ଓ ଯୁବକମାନେ ସେମାନଙ୍କର ଉନ୍ନତିରୁ ବହୁତ ପ୍ରଭାବିତ ହୋଇ ଯାଇଥାଆନ୍ତି । ସେମାନେ ସେହି ଲୋକମାନଙ୍କ କହିବା ପରିବର୍ତ୍ତେ କି ତୁମେମାନେ ଯେଉଁ ଆଡ଼କୁ ଯାଉଅଛ ତାହା କେବଳ ବିନାଶ ଛଡ଼ା ଅନ୍ୟ କିଛି ନୁହେଁ । ପ୍ରଭାବିତ ହେବାର ଆବଶ୍ୟକାତ ନାହିଁ । ଆମମାନଙ୍କୁ ତବ୍ଲିଗ୍ (ପ୍ରଚାର) କରିବା ଉଚିତ୍ । ନାନା ପ୍ରକାରର ଉଦ୍ଭାବନ ଓ ଆବିଷ୍କାର, ନିର୍ମାଣ ହୋଇଥାଏ । ପାଶ୍ଚାତ୍ୟ ଦେଶରେ ଉନ୍ନତିପ୍ରାପ୍ତ ଦେଶରେ । ଏହାକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୁଅ ନାହିଁ । କାରଣ ଇଉରୋପ ଭୂମି ବିଦ୍ୟାରେ ଓ ଶିଳ୍ପକଳାରେ, କାରୀଗରୀରେ ଉନ୍ନତି କରୁଅଛି । ଇମ୍ପ୍ରେସ୍ (Impress) ହୁଅନ୍ତୁ ନାହିଁ ଯେ, ଏହି ଉନ୍ନତି ହେଉଅଛି । ଏହା ନିୟମଭିତ୍ତିକ ପ୍ରସଙ୍ଗ ଯେ, ଯେତେବେଳେ ଆକାଶୀୟ ଜ୍ଞାନର ଦ୍ୱାର ରୁଦ୍ଧ ହୋଇଯାଇଥାଏ ସେତେବେଳେ ଭୂମିଜ କଥା ହିଁ ମନକୁ ଆସିଥାଏ । ଏହା କେବେ ବି ସାବ୍ୟସ୍ତ ହୋଇ ନାହିଁ ଯେ, ଅବତାରମାନେ ମଧ୍ୟ କଳ ନିର୍ମାଣ କରୁଥିଲେ । କବ୍ଜା ତିଆରି କରୁଥିଲେ । କିମ୍ବା ସେମାନଙ୍କର ସମସ୍ତ ଉଦ୍ୟମ ଓ ପ୍ରଚେଷ୍ଟା ଏବଂ ସାହାସ ଭୂମିଜ ଆବିଷ୍କାରରେ ଶେଷ ହେଉଥିଲା ।"

**(ମଲଫୁଜାତ୍. ଭାଗ-2, ପୃ-253-254, ସଂସ୍କରଣ ବର୍ଷ-1984 ମସିହା)**

ସୁତରାଂ ଉପରୋକ୍ତ କଥାଗୁଡ଼ିକ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିର ମସ୍ତିଷ୍କରେ ଆସନ୍ନିତ ହୋଇଯିବା ଉଚିତ୍ ଯେ, ଆମେମାନେ ସାଂସାରିକତା ଉପାର୍ଜନ କରିବା ନିମନ୍ତେ ଅହେମଦିୟତ୍ ସ୍ୱୀକାର କରି ନାହୁଁ । ବରଂ ଅଲ୍ଲାଃତାଲାଙ୍କ ସହିତ ଜୀବନ୍ତ ସଂପର୍କ ସ୍ଥାପନ କରିବା ନିମନ୍ତେ ଅହେମଦିୟତ୍ ସ୍ୱୀକାର କରିଛେ । ଏହି ବାର୍ତ୍ତା ଆମେମାନେ ସଂସାରବାସୀଙ୍କୁ ପହଞ୍ଚାଇବା ମଧ୍ୟ ଉଚିତ୍ । ଏହି ବସ୍ତୁ ହିଁ ଆମମାନଙ୍କର ଇହକାଳ ଓ ପରକାଳକୁ ଶୃଙ୍ଖଳିତ ଏବଂ ପରିମାର୍ଜିତକାରୀ ସାବ୍ୟସ୍ତ ହୋଇପାରିବ ।

ହ. ମସିହ୍ ମଉଦ୍ ଅ.ସ ନିଜ ଆଗମନର ଅଭିପ୍ରାୟ ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ମୋ ଆଗମନର ପ୍ରକୃତ ଅଭିପ୍ରାୟ ଏବଂ ପ୍ରକୃତ ଉଦ୍ଦେଶ୍ୟ ଏହିକି ଯେ, ଏକେଶ୍ୱରବାଦ, ଚାରିତ୍ରିକତା ଓ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର । ଏକେଶ୍ୱରବାଦରୁ ଯଥାର୍ଥ ଏହିକି ଯେ, ଈଶ୍ୱରଙ୍କୁ ହିଁ ନିଜର ବାଞ୍ଛିତ, ମନୋନୀତ ଓ ଉଦ୍ଦେଶ୍ୟିତ ବା ଆଶ୍ୟ, ପ୍ରିୟ ଆଜ୍ଞାବହକ ରୂପେ ବିଶ୍ୱାସ କରିନିଆଯାଉ । ସ୍ଥୂଳ ସ୍ଥୂଳ ପିତୁଳା ପୂଜା ଓ ଶିର୍କ ଠାରୁ ଆରମ୍ଭ କରି ସାଧନର ଉପାସନା, ସମକକ୍ଷତା ଓ ସୂକ୍ଷ୍ମ ସମକକ୍ଷତା ନିଜକୁ ମଧ୍ୟ କିଛି ମନେକରି ନେବା ପର୍ଯ୍ୟନ୍ତ ଦୂର କରି ଦିଆଯାଇଥାଏ । ପ୍ରତ୍ୟେକ ପ୍ରସଙ୍ଗରେ ନିଜ ଆତ୍ମାର ଶିର୍କ (ସମକକ୍ଷତା) ମଧ୍ୟ ସଂପୃକ୍ତ ହେବ ନାହିଁ । କୌଣସି ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୁର ମଧ୍ୟ ସଂପୃକ୍ତି ନହୁଏ ତାହାହେଲେ ଏହା ଏକେଶ୍ୱରବାଦ ଅଟେ। ଏହି ଶିର୍କରେ ସଂସାର ଆଜି ପିଡ଼ୀତ ଅଟେ । ଆଜିକାଲି ତହିଁରୁ ବର୍ତ୍ତିବା ଉଚିତ୍ ଓ ଚରିତ୍ରରୁ ଯଥାର୍ଥ ଏହିକି ଯେ, ମନୁଷ୍ୟ ଯେଭଳି ଶକ୍ତିକୁ ବହନ କରି ଧରା ପୃଷ୍ଠରେ ଜନ୍ମ ଗ୍ରହଣ କରିଛି ତାହାକୁ ଯଥା ସମୟ ଓ ଯଥା ସ୍ଥାନରେ ବ୍ୟବହାର କରିବା ଉଚିତ୍ । ଏହା ନୁହେଁ ଯେ କେତେକ ଶକ୍ତିକୁ ସଂପୂର୍ଣ୍ଣ ରୂପେ ବ୍ୟର୍ଥ ବୋଲି କହି ପରିତ୍ୟାଗ କରିଦିଆଯାଉ ଓ ଆଉ କେତେକ ଶକ୍ତି ଉପରେ ଗୁରୁତ୍ୱାରୋପ କରାଯାଉ । ଉଦାହରଣ ସ୍ୱରୂପ ଯଦି କୌଣସି ବ୍ୟକ୍ତି ସଂପୂର୍ଣ୍ଣ ରୂପେ ହସ୍ତକୁ କାଟିଦିଏ ତେବେ ସେହି ବ୍ୟକ୍ତି ଦ୍ୱାରା କୌଣସି ବିଶେଷ ଗୁଣ ସୃଷ୍ଟି ହୋଇପାରିବ କି ? କଦାପି ନୁହଁ । ବରଂ ସତ୍ୟ ଓ ପୂର୍ଣ୍ଣ ଚରିତ୍ର ଏହିକି ଯେ, ଯେଉଁ ଯେଉଁ ଶକ୍ତି ଅଲ୍ଲାଃତାଲା ମନୁଷ୍ୟକୁ ପ୍ରାଦନ କରିଛନ୍ତି ତାହାକୁ ଯଥା ସ୍ଥାନ ଓ ଯଥା ସମୟରେ ପ୍ରୟୋଗ ଓ ବିନିଯୋଗ କରିବା ଉଚିତ୍ । ଯହିଁରେ ନ୍ୟୂନାଧିକ୍ୟତା ସୃଷ୍ଟି ହେଉ ନଥିବ । ଆଧିକ୍ୟତା କହିଲେ ଏହା ବୁଝାଏ ଯେ, ଯେଉଁ ବ୍ୟକ୍ତି ମଧ୍ୟରେ ଆଘ୍ରାଣ ଶକ୍ତି ଅଧିକ ଥାଏ ତେବେ ତା'କୁ ତୀବ୍ର ସମ୍ବେଦନ ଶକ୍ତି ରୋଗ ହୋଇଯିବ । ଅର୍ଥାତ୍ ମନୁଷ୍ୟ ମଧ୍ୟରେ ଯଦି ଶୁଂଘିବାର ଶକ୍ତି ଯେତେବେଳେ ବୃଦ୍ଧି ପାଏ ସେତେବେଳେ ମନୁଷ୍ୟ ନିମନ୍ତେ ଏକ ସମସ୍ୟା ସୃଷ୍ଟି ହୋଇଯାଇଥାଏ। କେତେକ ଲୋକମାନଙ୍କର ସୁଗନ୍ଧ ଶୁଙ୍ଘିବାର ଶକ୍ତି ଯେତେ ତୀବ୍ର ହୋଇଥାଏ ସେତିକି ସେହି ବ୍ୟକ୍ତିକୁ କଷ୍ଟ ବା ପୀଡ଼ା ହେବା ଆରମ୍ଭ ହୋଇଯାଇଥାଏ, ମୁଣ୍ଡ ବ୍ୟଥା ଆରମ୍ଭ ହୋଇଯାଇଥାଏ । ଠିକ୍ ସେହିପରି ଅନ୍ୟ କେତେକ ସୁଗନ୍ଧ ରହିଛି ସେହି ସୁଗନ୍ଧ ଯୋଗୁଁ ରୋଗ ସୃଷ୍ଟି ହୋଇଯାଇଥାଏ । ସେତେବେଳେ ଏହି ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟରେ ରଖନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ରୋଗ ବ୍ୟାଧିରୁ ସୁରକ୍ଷିତ ରଖନ୍ତୁ । ଆଧ୍ୟାତ୍ମିକ ରୋଗରୁ ମଧ୍ୟ ସୁରକ୍ଷିତ ରଖନ୍ତୁ । ସୁତରାଂ ଆଧିକ୍ୟତା କହିଲେ ଏହା ବୁଝିଥାଉ ଯେ, ସମ୍ବେଦନଶୀଳ ତୀବ୍ରତା ଜନିତ ରୋଗ ଯେତେବେଳେ ଜଣେ ବ୍ୟକ୍ତିକୁ ଆକ୍ରାନ୍ତ କରେ ସେତେବେଳେ ତାହା ଦ୍ୱାରା ଅନ୍ୟ ବଡ଼ ରୋଗ ବା ବ୍ୟାଧି ସୃଷ୍ଟି ହୋଇଯାଇଥାଏ । ଅର୍ଥାତ ରୋଗ ବୃଦ୍ଧି ପାଇଥାଏ।"

ନ୍ୟୂନତା କହିଲେ ଏହା ବୁଝିଥାଉ ଯେ, ବ୍ୟକ୍ତିର ଘ୍ରାଣ ଶକ୍ତି ସଂପୂର୍ଣ୍ଣ ରୂପେ ଅପ୍ରାପ୍ୟ ବା ଅନ୍ତର୍ଦ୍ଧାନ ହୋଇଯାଇଥାଏ । ସେହିପରି ମଧ୍ୟମତା ଏହିକି ଯେ, ଉଭୟ ଶକ୍ତି ନିଜ ନିଜ ସ୍ଥାନରେ ଓ ଅବସ୍ଥାନ କରନ୍ତୁ ଓ ଏହା ହେଉଛି ସେହି ସ୍ତର ଏବଂ ମର୍ଯ୍ୟାଦା ଯେଉଁଠି ଚରିତ୍ର ଚରିତ୍ର ବୋଲାଇଥାଏ ଏବଂ ମୁଁ ଏହାକୁ ହିଁ ସ୍ଥାପନ କରିବା ନିମନ୍ତେ ଆସିଅଛି ।

ହୁଜୁର୍ ଅନ୍ୱର ଅ .ବ କହିଲେ, ମଧ୍ୟବର୍ତ୍ତୀ ମାର୍ଗ ଅବଲମ୍ବନ କରିବା ଉଚିତ୍ ଓ ଇସ୍‌ଲାମ୍ ଧର୍ମ ଯେଉଁ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ନିମନ୍ତେ ଆଦେଶ ଦେଇଛି ତାହାକୁ ସମ୍ପାଦନ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । "ଆଧ୍ୟାତ୍ମିକତାର ଯଥାର୍ଥ ସେହି ଲକ୍ଷଣ ଓ ଚିହ୍ନ ରହିଛି ଯାହାକି ଈଶ୍ୱରଙ୍କ ସହିତ ପ୍ରକୃତ ସଂପର୍କ ସ୍ଥାପନ କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଏହି ଅବସ୍ଥା ଯେପର୍ଯ୍ୟନ୍ତ ସୃଷ୍ଟି ହୋଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟ ବୁଝି ପାରିବ ନାହିଁ । କିନ୍ତୁ ପ୍ରକୃତ ଅଭିପ୍ରାୟ ଏହା ହିଁ ଅଟେ ।"

**(ମଲଫୁଜାତ୍. ଭାଗ-2, ପୃ-297, ସଂସ୍କରଣ ବର୍ଷ-2022ମସିହା)**

ସୁତରାଂ ଏହା ହେଉଛି ସେହି ପ୍ରସଙ୍ଗ ଯାହାକି ଆମମାନଙ୍କୁ ଏପରି ଏକ ବ୍ୟକ୍ତିରେ ପରିଣତ କରିଥାଏ ଯେକି ପ୍ରକୃତ ବିଶ୍ୱାସୀ ଅଟେ । ସୁତରାଂ ଏହି ସମୀକ୍ଷା କରିବାର ଆବଶ୍ୟକତା ରହିଛି ଯେ, କ'ଣ ଆମେମମାନେ ସେହି ସ୍ତରରେ ଅଛୁ ଯେ, ଆମମାନଙ୍କର ଅଭିପ୍ରାୟ ଓ ଆମମାନଙ୍କର ସର୍ବାଧିକ ପ୍ରିୟତମ ଈଶ୍ୱରଙ୍କ ଅସ୍ତିତ୍ୱ ହେବା ଉଚିତ୍ । ଆମେମାନେ ବର୍ତ୍ତମାନ ନିଜ ବିଶ୍ୱାସର ନିମ୍ନ ସ୍ତରରେ ଅଛୁ । ସୁତରାଂ ନିଜ ନିଜର ସମୀକ୍ଷା କରିବା ଉଚିତ୍ । କାରଣ ଅଲ୍ଲାଃତାଲାଙ୍କ ବିପକ୍ଷରେ ଆମମାନଙ୍କର ପ୍ରତ୍ୟେକ ସାଂସାରିକ ଇଚ୍ଛା ଅବାସ୍ତବ ଅଟେ । ଯଦି ଅଲ୍ଲାଃତାଲା ଆମମାନଙ୍କର ପ୍ରିୟ ହେବେ ତାହାହେଲେ ଏପରି ହେବ । ତେବେ ଯାଇ ଆମେମାନେ ମସ୍‌ଜିଦର ଅଧିକାର ମଧ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ । ସେହିପରି ଆମେମାନେ ଯେତେବେଳେ ମସ୍‌ଜିଦ୍ ନିର୍ମାଣ କରୁ ସେତେବେଳେ ଏହାକୁ ଜନସଂଖ୍ୟା ବହୁଳ (ଅର୍ଥାତ୍ ନମାଜୀଙ୍କ ଦ୍ୱାରା ପୂର୍ଣ୍ଣ ରଖିବା) କରିବା ପ୍ରତି ମଧ୍ୟ ଚିନ୍ତାର କରିବା ଉଚିତ୍ ।

ସୁତରାଂ ପ୍ରତ୍ୟେକ ଅହେମଦିକୁ ଏହା ଉପରେ ଚିନ୍ତା କରିବାର ଆବଶ୍ୟକତା ରହିଛି। କାରଣ ଏକେଶ୍ୱରବାଦର ବଳ କେଉଁ ପର୍ଯ୍ୟନ୍ତ ମନରେ ରହିଛି, ଅଭିରୁଚି ରହିଛି, ଉତ୍ସାହ ରହିଛି । ସେହିପରି ସର୍ବୋଚ୍ଚ ଚରିତ୍ରର ପରିପ୍ରକାଶ ରହିଛି । ତାହା ପ୍ରତ୍ୟେକ ଅହେମଦି ମଧ୍ୟରେ ବିଦ୍ୟମାନ ହେବା ଉଚିତ୍ । ଏହି ସର୍ବୋଚ୍ଚ ଚରିତ୍ର ହିଁ ଆମମାନଙ୍କର ବାର୍ତ୍ତାକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ଏବଂ ଆମେମାନେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ର କର୍ତ୍ତବ୍ୟ ନିର୍ବାହ କରିପାରିବୁ । ବିଭିନ୍ନ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନରେ ଯେତେବେଳେ ମୁଁ ଯିବି ସେତେବେଳେ ଅହେମଦିମାନଙ୍କର ଯେଉଁ ପରିଚିତ ବନ୍ଧୁ ବା ଲୋକମାନେ ରହିଛନ୍ତି ସେମାନେ ଏହି କଥାର ଚର୍ଚ୍ଚା କରିଥାଆନ୍ତି ଯେ, ଅହେମଦିମାନଙ୍କର ଚରିତ୍ର ଉତ୍ତମ ରହିଛି । କିନ୍ତୁ ଗୋଟିଏ ତ୍ରୁଟି ଏବଂ ଦୁର୍ବଳତା ପରିଲକ୍ଷିତ ହୋଇଥାଏ । ତାହା ଏହିକି ଯେ, ଅହେମଦିମାନେ ଉତ୍ତମ ଚରିତ୍ର ପ୍ରଦର୍ଶନ କରିବା ପରେ ଇସଲାମ୍ ଧର୍ମ ଏବଂ ଅହେମଦିୟତର ସଠିକ୍ ପରିଚୟ ପ୍ରଦାନ କରନ୍ତି ନାହିଁ । ଯଦି ଏହି ପରିଚୟ ପ୍ରଦାନ କରାଯାଏ ତେବେ ଯାଇ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ କହିବାନୁସାରେ ଇସଲାମ୍‌ର ସଠିକ୍

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ପରିଚୟ ପ୍ରଦାନ ଇଉରୋପର ଲୋକମାନଙ୍କ ପର୍ଯ୍ୟନ୍ତ, ସେହି ଦେଶବାସୀଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ପାରିବୁ ।

ସେହିପରି ସର୍ବୋଚ୍ଚ ଚରିତ୍ର ପରିପ୍ରକାଶ ପାରସ୍ପାରିକ ସଂପର୍କରେ ମଧ ହେବା ଉଚିତ୍ । କେବଳ ଅଣଅହେମଦିମାନଙ୍କ ପାଇଁ ନୁହଁ । ଅର୍ଥାତ୍ ସେହି ଅଣଅହେମଦିମାନଙ୍କ ସର୍ବୋଚ୍ଚ ଉତ୍ତମ ଚରିତ୍ର ପ୍ରଦର୍ଶନ କରିଦେଲୁ ଏବଂ ଘରରେ, ନିଜର ସମାଜରେ ଏକ ଉପଦ୍ରବ ସୃଷ୍ଟି କରି ରଖିଥିବେ । ସୁତରାଂ ଉକ୍ତ କଥାଗୁଡ଼ିକ ରହିଛି ଯାହାକି ଆମମାନଙ୍କ ଚରିତ୍ର ସଂକ୍ରାନ୍ତରେ ନିଜ ସମ୍ମୁଖରେ ରଖିବା ଉଚିତ୍ । ଏହା ହିଁ ସର୍ବୋଚ୍ଚ ଚରିତ୍ର ଯାହାକୁ ସୃଷ୍ଟି କରିବା ନିମନ୍ତେ ହ. ମସିହ୍ ମସିହ୍ ମଉଦ୍ ଅ.ସ ଆଁହଜରତ ସ.ଅଙ୍କ ଦାସତ୍ୱରେ ଆସିଥିଲେ । ଆଧ୍ୟାତ୍ମିକତାର ସ୍ତରର ପରିଣାମ ଏବଂ ଫଳାଫଳ ସେତେବେଳେ ପ୍ରାପ୍ତ ହୋଇଥାଏ, ସେତେବେଳେ ପ୍ରକଟିତ ହୋଇଥାଏ, ସେତେବେଳେ ଜ୍ଞାତ ହୋଇଥାଏ ଯେତେବେଳେ ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ଓ ତାହାଙ୍କ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନର ସର୍ବୋଚ୍ଚ ସ୍ତର ସ୍ଥାପିତ ହେବ। ପର ଆପଣା ଏବଂ ଆମମାନଙ୍କ ମଧ୍ୟରେ ଏକ ସୁନ୍ଦର ଦୃଶ୍ୟ ଦୃଶ୍ୟମାନ ହେବ । ଆମମାନଙ୍କର ସନ୍ତାନମାନେ ଆମମାନଙ୍କ ଠାରୁ ନୀତିଶିକ୍ଷା ଗ୍ରହଣ କରିବେ। ତେବେଯାଇ ଆମେମାନେ କହିପାରିବୁ ଯେ, ଆମେମମାନେ ସେହି ସ୍ତର ପ୍ରାପ୍ତ କରିଛୁ । ଜର୍ମାନୀର ଅମୀର୍ ସାହେବ ବିଗତ ଦିନରେ ମୋତେ ପଚାରୁଥିଲେ ଯେ, ଆମର ପରବର୍ତ୍ତୀ ଶତାବ୍ଦୀର ଟାର୍ଗେଟ୍ କ'ଣ ରହିଛି ? ପ୍ରଥମ କଥା ତ' ଏହିକି ଯେ, ଯେଉଁ କେତୋଟି କଥାର ମୁଁ ଚର୍ଚ୍ଚା କରିଛି, ସେହି ସମସ୍ତ କଥା ପ୍ରତି ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

କ'ଣ ଆମେମାନେ ଏହି ଲକ୍ଷ୍ୟ ବିଗତ ଶତାବ୍ଦୀରେ ପ୍ରାପ୍ତ କରିନେଇଛୁ କି ? କ'ଣ ଆମେମାନଙ୍କର ଅଲ୍ଲାଃତାଲାଙ୍କ ସହିତ ଦୃଢ ସଂପର୍କ ସ୍ଥାପନ ହୋଇଯାଇଛି କି? କ'ଣ ଆମମାନଙ୍କର ନମାଜମାନଙ୍କର ସର୍ବୋଚ୍ଚ ସ୍ତର ସ୍ଥାପନ ହୋଇଯାଇଛି କି ? କ'ଣ ଆମେମାନେ ନମାଜ ସମୟରେ ସାଂସାରିକ କାର୍ଯ୍ୟକୁ ପରିତ୍ୟାଗ କରି ନମାଜ ନିମନ୍ତେ ଉପସ୍ଥିତ ହୋଇଯାଇ ଥାଉ କି ଅବା କେବଳ ମସ୍‌ଜିଦ୍ ନିର୍ମାଣ କରିବାରେ ଗୁରୁତ୍ୱାରୋପ ଦେଉଛେ ? କ'ଣ ଆମେମାନେ ପବିତ୍ର କୁରଆନ୍ କରୀମ୍‌ର ତିଲାଓ୍ୱତ୍ ନିୟମିତ ଭାବରେ କରୁଛେ କି ? କ'ଣ ଆମେମାନେ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀକୁ ଅନୁସନ୍ଧାନ କରି ତାହା ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଉଦ୍ୟମ କରୁଛେ କି ? କ'ଣ ଆମେମାନେ ନିଜର ସନ୍ତାନ ସନ୍ତତିଙ୍କୁ ଧର୍ମରୁ ସଂଶ୍ଳିଷ୍ଟ କରିବା ନିମନ୍ତେ ଭରପୁର ଉଦ୍ୟମ କରୁଛେ କି ? କ'ଣ ଆମେମାନେ କେବଳ ନିଜର ସନ୍ତାନ ସନ୍ତତିଙ୍କୁ ସାଂସାରିକ ଶିକ୍ଷା ଦେବା ପ୍ରତି ଚିନ୍ତିତ ଅଟୁ ଅବା ସେମାନଙ୍କୁ ଧର୍ମ ଶିକ୍ଷା ଦେବା ପ୍ରତି ମଧ ଚିନ୍ତିତ ଅଟୁ କି ? କ'ଣ ଆମମାନେ ସର୍ବୋଚ୍ଚ ଉତ୍ତମ ଚରିତ୍ର ପାରସ୍ପାରିକ ସଂପର୍କରେ କେବଳ ସେହି ସ୍ତର ପ୍ରାପ୍ତ କରି ସାରିଛୁ ଯାହାକି رُحَمَآءُ بَيۡنَهُمۡ(ଅଲ୍ ଫତହ୍: 30)ର ଦୃଶ୍ୟ ଆମେମାନଙ୍କୁ ଅବଲୋକନ କରାଇବ ? କ'ଣ ସର୍ବୋଚ୍ଚ ଉତ୍ତମ ଚରିତ୍ରର ଆଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରଦର୍ଶନ କରି ସେମାନଙ୍କୁ ଇସ୍‌ଲାମ୍ ଧର୍ମରୁ ସୁନ୍ଦର ଶିକ୍ଷା ଦ୍ୱାରା ଅବଗତ କରାଉଛେ କି ଅବା କେବଳ କେଉଁଠି କାଁ ଭାଁ ଉତ୍ତମ ସର୍ବୋଚ୍ଚ ଚରିତ୍ର ପ୍ରଦର୍ଶନ କରି ଆମେମାନେ ଏହା କହୁଛେ ଯେ, ଆମେମାନେ ଶାନ୍ତିପ୍ରିୟ ଲୋକ ଅଟୁ ?

ଅନେକ ସ୍ଥାନରେ ମୋତେ ଅଣଅହେମଦିମାନଙ୍କୁ ଯେତେବେଳେ କହିବାର ସୁଯୋଗ ପ୍ରାପ୍ତ ହେଲା ସେତେବେଳେ ଅନେକ ଲୋକମାନେ ମୋତେ ଏହା ହିଁ କହିଲେ ଯେ, ଆମେମାନେ ଇସ୍‌ଲାମ୍ ଧର୍ମର ସେହି ସୁନ୍ଦର ଶିକ୍ଷାର ପ୍ରଥମ ଥର କରି ଜ୍ଞାତ ଏବଂ ଅବବୋଧ ହୋଇଛୁ । ତହିଁରୁ ସ୍ପଷ୍ଟ ଭାବରେ ଏବା ପ୍ରତିଭାତ ହୁଏ ଯେ, ଆପଣମାନେ ନିଜର ସଂପର୍କ ଓ ଉତ୍ତମ ଚରିତ୍ର ତଥା ଇସ୍‌ଲାମ୍ ଧର୍ମର ବାର୍ତ୍ତା ଯେପରି ପହଞ୍ଚାଇବା କଥା ସେପରି ସଠିକ୍ ଭାବରେ ବ୍ୟବହାର କରୁ ନାହାନ୍ତି। ଯେତେବେଳେ ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ପରିଚୟ ସଠିକ୍ ଭବାରେ ମିଳିପାରୁ ନାହିଁ ସେତେବେଳେ ଲକ୍ଷାଧିକ ସଂଖ୍ୟାରେ ପମ୍ଫ୍ଲେଟ୍ ବାଣ୍ଟିବାର କୌଣସି ଲାଭ ନାହିଁ । ସୁତରାଂ ପ୍ରଥମେ ଏହି ସମୀକ୍ଷା କରନ୍ତୁ ଯେ, ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ଓ ଭକ୍ତମାନଙ୍କର କର୍ତ୍ତବ୍ୟର ସ୍ତରକୁ ଆମେମାନେ କେଉଁ ପର୍ଯ୍ୟନ୍ତ ପ୍ରାପ୍ତ କରିନେଇଛୁ? ଯଦି ପ୍ରାପ୍ତ କରିନେଇଛୁ (ହୁଜୁର୍ ଅ.ବ କୁହନ୍ତି ମୋ କହିବାନୁସାରେ ସେହି ସ୍ତରଟି ବର୍ତ୍ତମାନ ସୁଦ୍ଧା ପ୍ରାପ୍ତ ହୋଇ ନାହିଁ ।) ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜ୍ଞାତ ହୋଇଯିବ ମୋ କହିବାର କୌଣସି ଆବଶ୍ୟକତା ନାହିଁ । ତେଣୁ ପରବର୍ତ୍ତୀ ଶତାବ୍ଦୀର ଟାର୍ଗେଟ୍ କ'ଣ ରହିଛି ?

ପରବର୍ତ୍ତୀ ଶତାବ୍ଦୀର ଟାର୍ଗେଟର ଏହି ସଂକ୍ଷିପ୍ତ କାର୍ଯ୍ୟପନ୍ଥା ରହିଛି ଯାହାକି ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀର ପ୍ରକାଶରେ ବର୍ଣ୍ଣନା କରାଯାଇଛି । ଆମେମାନେ ଏହି ପ୍ରତିଜ୍ଞା କରି ଉଠିଛୁ ଯେ, ଆମେମାନେ ସଂସାରବାସୀଙ୍କ ମନକୁ ଜିଣିବୁ । ଉକ୍ତ ସଂସାରକୁ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଦମ୍ଭୋକ୍ତି ପ୍ରକାଶକାରୀ ବ୍ୟକ୍ତି କରାଇବୁ । ସଂସାରକୁ ଆଁହଜରତ ସ.ଅଙ୍କ ପାଦ ତଳେ ଆଣି ପକାଇଦେବୁ । ସୁତରାଂ ଏ ସଂପର୍କରେ ଆମେମାନଙ୍କୁ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ନିଜର ସମୀକ୍ଷା କରିବା ଉଚିତ୍ ଓ ଏକ ନୂତନ ସଂକଳ୍ପର ସହିତ ଜର୍ମାନୀର ଜମାଅତ୍ ଅହେମଦିୟାକୁ ନୂତନ ଶତାବ୍ଦୀରେ ପ୍ରବେଶ କରିବା ଉଚିତ୍ । ଆମେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଇ ନିଜର ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ପୂର୍ଣ୍ଣ ରୂପେ ଉଦ୍ୟମ କରିବା ଉଚିତ୍ ଏବଂ ନିଜର ସନ୍ତାନ ସନ୍ତତି ଓ ଆଗାମୀ ବଂଶଧରଙ୍କୁ ମଧ ଏହି ଉପଦେଶ ଦେଉଥିବୁ ଓ ସେମାନଙ୍କର ଏହିପରି ଭାବରେ ସଂସ୍କାର କରୁଥିବୁ । କାରଣ ଅଲ୍ଲାଃତାଲାଙ୍କ ସହିତ ସଂପର୍କର ଏହି ନବ ଜାଗରଣ ଗୋଟିଏ ପିଢୀରୁ ଅନ୍ୟ ପିଢୀ ପର୍ଯ୍ୟନ୍ତ ବ୍ୟାପୀ ଚାଲିଥିବ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

☆--☆--☆

## ହୁଜୁର୍ ଅନଓ୍ୱର୍ ଅ.ବଙ୍କ ଖୁତ୍‌ବା ଓ ଖିତାବାତ୍ (ଉଦବୋଧନଗୁଡ଼ିକ)ରୁ ଉପକୃତ ହେବାର ମହତ୍ତ୍ୱ ଏବଂ କଲ୍ୟାଣ

**(ସମ୍ମାନନୀୟ ମୁନୀର୍ ଅହେମଦ୍ ଖାଦିମ୍ ସାହେବ, ଅତିରିକ୍ତ ନାଜିର୍ ଇସ୍‌ଲାହ୍ ଓ ଇରିଶାଦ୍, ଜୁନୁବୀ ହିନ୍ଦ୍)**

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔

يٰۤاَيُّهَا الَّذِيۡنَ اٰمَنُوا اسۡتَجِيۡبُوۡا لِلّٰهِ وَلِلرَّسُوۡلِ اِذَا دَعَاكُمۡ لِمَا يُحۡيِيۡكُمۡ‌ۚ وَاعۡلَمُوۡۤا اَنَّ اللّٰهَ يَحُوۡلُ بَيۡنَ الۡمَرۡءِ وَقَلۡبِهٖ وَاَنَّهٗۤ اِلَيۡهِ تُحۡشَرُوۡنَ (ଅଲ୍ ଅନ୍‌ଫାଲ୍: 25) ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ କଥା ଶୁଣ ଯେତେବେଳେ କି ସେ ତୁମମାନଙ୍କୁ ଆଧ୍ୟାତ୍ମିକ ଜୀବନ ଦାନ କରିବାକୁ ଡାକନ୍ତି ଏବଂ ମନେରଖ ! ଅଲ୍ଲାଃତାଲା ମନୁଷ୍ୟର ହୃଦୟ ଅପେକ୍ଷା ତାହାର ଅଧିକ ନିବକଟବର୍ତ୍ତୀ ଏବଂ ତୁମମାନଙ୍କୁ ଜୀବିତ କରି ତାହାଙ୍କ ନିକଟକୁ ଫେରାଇ ନିଆଯିବ ।

لِلَّذِيۡنَ اسۡتَجَابُوۡا لِرَبِّهِمُ الۡحُسۡنٰىؕ وَالَّذِيۡنَ لَمۡ يَسۡتَجِيۡبُوۡا لَهٗ لَوۡ اَنَّ لَهُمۡ مَّا فِى الۡاَرۡضِ جَمِيۡعًا وَّمِثۡلَهٗ مَعَهٗ لَافۡتَدَوۡا بِهٖ ؕ اُولٰۤـئِكَ لَهُمۡ سُوۡۤءُ الۡحِسَابِ ۙ وَمَاۡوٰٮهُمۡ جَهَنَّمُ‌ ؕ وَبِئۡسَ الۡمِهَادُ(ଅର୍ ରାଆଦ୍: 19)ଯେଉଁମାନେ ନିଜ ପାଳନକର୍ତ୍ତାଙ୍କ ଆଜ୍ଞା ପାଳନ କରନ୍ତି, ସେମାନଙ୍କ ପାଇଁ ସଫଳତା ରହିଛି ଏବଂ ଯେଉଁମାନେ ତାହାଙ୍କ ଆଜ୍ଞାପାଳନ କରନ୍ତି ନାହିଁ ସେମାନଙ୍କର ଅବସ୍ଥା ଏପରି ହେବ ଯେ, ଯାହାକିଛି ଭୂପୃଷ୍ଠରେ ରହିଛି ଯଦି ସେସବୁ ସେମାନଙ୍କର ହୁଅନ୍ତା ଓ ତାହା ସହିତ ଅନୁରୂପ ପରିଣାମ ମଧ ଯୋଗ କରାଯାଆନ୍ତା , ତେବେ ସେମାନେ ଏହି ସବୁକୁ ଦେଇ ନିଜକୁ ଶାସ୍ତିରୁ ରକ୍ଷା କରିବା ପାଇଁ ଚେଷ୍ଟା କରନ୍ତେ । ସେମାନଙ୍କ ପାଇଁ ପରିଣତି ଯୁକ୍ତ ହିସାବ ନିୟତ ଅଛି ଏବଂ ସେମାନଙ୍କର ବାସସ୍ଥାନ ନର୍କ ଅଟେ ଏବଂ ବାସ କରିବା ପାଇଁ ତାହା ଅତ୍ୟନ୍ତ ନିକୃଷ୍ଟ ସ୍ଥାନ ।

ସମ୍ମାନସ୍ପଦ ସଭାପତି ମହୋଦୟ ଓ ସାଦରର ଶ୍ରୋତାବନ୍ଧୁମାନେ ! ବିନୀତର ଭାଷଣର ବିଷୟବସ୍ତୁ ହେଉଛି "ଖୁତ୍‌ବାତ୍ ଓ ଖିତାବାତ୍" ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବରୁ ଉପକୃତ ହେବାର ମହତ୍ତ୍ୱ ଓ କଲ୍ୟାଣ ।

ଶ୍ରୋତଗଣ ! ଆମେ ହେଉଛେ ସେହି ସୌଭାଗ୍ୟଶାଳୀ ଜମାଅତ୍ ଯିଏ ଅଲ୍ଲାଃତାଲାଙ୍କ କୃପାରୁ ଓ ତାହାଙ୍କ କରୁଣାରୁ ସାଂପ୍ରତିକ କାଳରେ ଆଁହଜରତ ସ.ଅଙ୍କ ଆଦେଶାବଳୀକୁ ଆଜ୍ଞାପାଳନପୂର୍ବକ ଇମାମ୍ ମେହ୍‌ଦୀ ଓ ପ୍ରତିଶ୍ରୁତ ମସିହ୍ ଅ.ସଙ୍କୁ ସ୍ୱୀକାର କରିବା ଓ ନବୱୁତ୍ ମାର୍ଗାନୁଯାୟୀ ଖିଲାଫତ୍‌ର ଆଜ୍ଞାପାଳନ କରିବାର ମହାନ ଶାରୀରୀକ ଓ ଆଧ୍ୟାତ୍ମିକ କଲ୍ୟାଣ ପ୍ରାପ୍ତି ନିମନ୍ତେ ସାମର୍ଥ୍ୟ ଲାଭ ପାଉଛେ। ଇମାମ୍ ମେହ୍‌ଦୀ ଅ.ସ ହେଉଛି ସେହି ମହାନ ଅସ୍ତିତ୍ୱ ଯାହାଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା କହିଲେ, ସେ ଆଁହଜରତ ସ.ଅଙ୍କ ସଦୃଶ ହେବେ । ସୁତରାଂ ଅଲ୍ଲାଃତାଲା ସୁରତୁଲ୍ ଜମୁାରେ କହିଛନ୍ତି ଯେ, هُوَ الَّذِىۡ بَعَثَ فِى الۡاُمِّيّٖنَ رَسُوۡلًا مِّنۡهُمۡ يَتۡلُوۡا

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢ଼ିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 06 JUNE 2024 Issue No.-23

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

عَلَيۡهِمۡ اٰيٰتِهٖ وَيُزَكِّيۡهِمۡ وَيُعَلِّمُهُمُ الۡكِتٰبَ وَالۡحِكۡمَةَ ۚ وَاِنۡ كَانُوۡا مِنۡ قَبۡلُ لَفِىۡ ضَلٰلٍ مُّبِيۡنٍ **(ଅଲ୍ ଜୁମା:3)** ଅର୍ଥାତ୍ ସେ ଅଲ୍ଲାଃ ହିଁ ଏକ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି । ସେ ନିରକ୍ଷର ହେବା ସତ୍ତ୍ୱେ ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ଓ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମ ଗ୍ରନ୍ଥ ଓ ତତ୍ତ୍ୱଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏଥିପୂର୍ବରୁ ସୃଷ୍ଟ ବିଭ୍ରାନ୍ତ ମଧ୍ୟ ରହିଥିଲେ ।

ସେହିପରି ଅଲ୍ଲାଃତାଲା ପରବର୍ତ୍ତୀ ଆୟତ୍‌ରେ କୁହନ୍ତି: "ଆଁହଜରତ ସ.ଅଙ୍କ ପବିତ୍ର ଆଗମନ ଯେପରି ପୂର୍ବ ସାହାବାମାନଙ୍କ ମଧ୍ୟରେ ହୋଇଥିଲା ଠିକ୍ ସେହିପରି ଶେଷ ବିଶ୍ୱାସକାରୀଙ୍କ ମଧ୍ୟରେ ଉପମେୟ ସ୍ୱରୂପ ହେବ ଏବଂ ସେହି ସଂପ୍ରଦାୟରେ ମଧ୍ୟ ଆପଣ ସ.ଅଙ୍କର ଏହି କାର୍ଯ୍ୟସବୁ ହେବ । وَّاٰخَرِيۡنَ مِنۡهُمۡ لَمَّا يَلۡحَقُوۡا بِهِمۡ ؕ وَهُوَ الۡعَزِيۡزُ الۡحَكِيۡمُ **(ଅଲ ଜୁମା: 4)** ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।"

ଅର୍ଥାତ୍ ଇମାମ୍ ମେହ୍‌ଦୀ ଓ ପ୍ରତିଶୃତ ମସିହ୍ ଅ.ସଙ୍କ ଆଗମନ ପ୍ରକୃତରେ ଆଁହଜରତ ସ.ଅଙ୍କ ଆଗମନ ଅଟେ ଓ ଇମାମ୍ ମେହ୍‌ଦୀ ତଥା ପ୍ରତିଶୃତ ମସିହ୍‌ଙ୍କ ଆଗମନ ପ୍ରକୃତରେ ଆଁହଜରତ ସ.ଅଙ୍କର ଅଗମନ ଅଟେ ଏବଂ ଇମାମ୍ ମେହ୍‌ଦୀ ତଥା ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କ ଉପରେ ମଧ୍ୟ ସେହି କାର୍ଯ୍ୟ ନ୍ୟସ୍ତ ହେବ ଯେଉଁ କାର୍ଯ୍ୟ ଆଁହଜରତଙ୍କ ଆଗମନର ପ୍ରାରମ୍ଭିକ ପର୍ଯ୍ୟାୟରେ ହୋଇଥିଲା । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ଆୟତ୍‌ର ପାଠ, ନିଜର ଆତ୍ମାକୁ ପବିତ୍ର କରିବା, ଧର୍ମଗ୍ରନ୍ଥରେ ବର୍ଣ୍ଣିତ ଆଦେଶାବଳୀର ଶିକ୍ଷା ପ୍ରଦାନ କରିବା ଓ ପବିତ୍ର କୁରଆନ୍ କରୀମ୍‌ର ବହୁମୂଲ୍ୟ ଆଦେଶାବଳୀ ସହିତ ଲୋକମାନଙ୍କୁ ଅବଗତ କରାଇବା ଇତ୍ୟାଦି ଇତ୍ୟାଦି । ପୂର୍ବ ପୁଣ୍ୟ ପୁରୁଷମାନେ ସ୍ପଷ୍ଟ ଭାବରେ ଏହାର ବ୍ୟାଖ୍ୟା କରି ଉଲ୍ଲେଖ କଲେ ଯେ, ଆ ଗମନକାରୀ ମେହଦୀ ମଧ୍ୟରେ ଅବତାରମାନଙ୍କର ଅଧିପତି ଆଁହଜରତ ସ.ଅଙ୍କ ଆଲୋକ ପ୍ରତିବିମ୍ବିତ ହେବ । ସୁତରାଂ ହଦିସ୍‌ର ବିଦ୍ୱାନ ହ. ଶାହ୍ ୱଲିଉଲ୍ଲାଃ ସାହେବ ଦେହେଲ୍‌ୱୀ ନିଜର ପୁସ୍ତକ ଅଲ୍ ଖୈରୁଲ୍ କସୀର୍‌ରେ କୁହନ୍ତି: حق له ان ينعكس فيه سيّد انوار المرسلين ﷺ يزعم العامة انه اذا نزل فى الارض كان واحدًا من الامة كلا بل هو شرح الاسلام الجامع المحمدى و نسخة منتسخته منه ଅର୍ଥାତ୍ ଶାହ୍ ୱଲିଉଲ୍ଲାଃ ଦେହେଲ୍‌ୱୀ ଭବିଷ୍ୟବାଣୀ ସ୍ୱରୂପ ବର୍ଣ୍ଣନା କରନ୍ତି ଯେ, ପ୍ରତିଶୃ‌ା ମସିହ୍ ଉକ୍ତ କଥା ଅଧିକାର ଅଟେ ଯେ, ତା ମଧ୍ୟରେ ଅବତାରମାନଙ୍କର ଅଧିପତି ଆଁହଜରତ ସ.ଅଙ୍କ **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ........

କର୍ତ୍ତା ! ତୁମ୍ଭ ଉପକାରର ମୁଁ କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । ତୁମ୍ଭେ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ଅଟ । ତୁମ୍ଭର ଅସୀମ ଉପକାର ମୋ ଉପରେ ରହିଛି । ତୁମ୍ଭେ ମୋ ପାପକୁ କ୍ଷମା କରିଦିଅ । କାରଣ ମୋର ବିନାଶ ନହୋଇଯାଉ। ମୋ ମନରେ ତୁମ୍ଭ ପ୍ରତି ବିଶେଷ ପ୍ରେମ ସୃଷ୍ଟି କର । କାରଣ ମୋତେ ଏକ ଜୀବନ ପ୍ରାପ୍ତ ହେଉ, ତୁମ୍ଭେ ମୋର ଦୋଷ ଦୁର୍ବଳତାକୁ ଲୁଚାଇଦିଅ ଏବଂ ମୋ ଦ୍ୱାରା ଏପରି କର୍ମ ତଥା ଆଚରଣ ସମ୍ପାଦନ କରାଅ ଯଦ୍ଦ୍ୱାରା ତୁମ୍ଭେ ପ୍ରସନ୍ନ ହୋଇଯିବ । ମୁଁ ତୁମ୍ଭର ଅଶେଷ ଦୟାର ଦ୍ୱାହି ଦେଇ ତୁମ୍ଭର ଶରଣ ଭିକ୍ଷା କରୁଛି ଯେ, ତୁମ୍ଭ କୋପ ମୋ ଉପରେ ଅବତୀର୍ଣ୍ଣ ନହେଉ । ତୁମ୍ଭେ ମୋ ଉପେରେ ଦୟା ଓ କରୁଣା କର ଏବଂ ଇହକାଳ ଓ ପରକାଳର ବିପତ୍ତିରୁ ମୋତେ ଉଦ୍ଧାର କର । କାରଣ ପ୍ରତ୍ୟେକ କୃପା ଓ କରୁଣା ତୁମ୍ଭରି ହସ୍ତରେ ହିଁ ରହିଛି । **ଆମିନ୍ ।" (ମକ୍‌ତୁବାତେ ଅହେମଦିୟା, ଭାଗ-2, ପୃ-158-159, ସଂସ୍କରଣ ବର୍ଷ-2015 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି, ଏହି ଦୁଆର ସ୍ୱୀକୃତି ନିମନ୍ତେ ଏହା ମଧ୍ୟ ଜରୁରୀ ଯେ, ଆମମାନଙ୍କୁ ଅଧିକରୁ ଅଧିକ ଭାବରେ ଆପଣ ସ.ଅଙ୍କ ଉପରେ ଦୁରୁଦ୍ ପ୍ରେରଣା କରିବାର ଆବଶ୍ୟକତା ରହିଛି । ଦୁରୁଦ୍ ବ୍ୟତୀତ ଆମମାନଙ୍କର ଦୁଆ ବାୟୁ ପବନରେ ଓହଳି ହୋଇଯାଇଥାଏ । ଅଲ୍ଲାତାଲାଙ୍କ ପର୍ଯ୍ୟନ୍ତ ତାହା ପହଞ୍ଚି ନଥାଏ । ସୁତରାଂ اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ، كَمَا صَلَّيْتَ عَلٰى إِبْرَاهِيْمَ، وَعَلٰى اٰلِ إِبْرَاهِيْمَ، إِنَّكَ حَمِيْدٌ مَّجِيْدٌ، اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ، كَمَا بَارَكْتَ عَلٰى إِبْرَاهِيْمَ، وَعَلٰى اٰلِ إِبْرَاهِيْمَ إِنَّكَ حَمِيْدٌ مَّجِيْدٌ ର ଆମମାନଙ୍କୁ ଅଧିକରୁ ଅଧିକ ଜପ କରିବା ଉଚିତ୍ । ଅଲ୍ଲାଃତାଲା ଆମମମାନଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ସ୍ୱେଚ୍ଛାକୃତ ହୃଦୟ ହୋଇ ଦୁଆ କରିବୁ । ନିଜ ଭାଷାରେ ମଧ୍ୟ ଦୁଆ କରନ୍ତୁ ଓ ପ୍ରକୃତ ଉଦ୍‌ବିଗ୍ନ ଓ ବ୍ୟାକୁଳିତ ହୋଇ ଦୁଆ କରନ୍ତୁ । ଆପଣମାନଙ୍କ ଅତଳ ହୃଦୟରୁ ଏହି ଦୁଆ ବାହାରୁଥିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରମ୍‌ଜାନ ମାସର କଲ୍ୟାଣରୁ ସର୍ବଦା ଏହି ଦୁଆ ମଧ୍ୟ କରନ୍ତୁ । ଉକ୍ତ ଜୁମା (ଶୁକ୍ରବାର)ର କଲ୍ୟାଣ ଏବଂ ଆସନ୍ତାରେ ଆସିବାକୁ ଥିବା ଶୁକ୍ରବାରଗୁଡ଼ିକର କଲ୍ୟାଣ ଆମେମାନେ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ। ଅସୀରାନ୍‌ଙ୍କ (ଅଲ୍ଲାଃତାଲାଙ୍କ ମାର୍ଗରେ କାରାବରଣ ଭୋଗୁଥିବା ଅହେମଦିମାନେ ଯେଉଁମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କୁ ମାନିବା ଅପରାଧରେ କଏଦ୍ କରାଯାଇଛି) କାରାମୁକ୍ତ ହେବା ନିମନ୍ତେ ବହୁତ ଦୁଆ କରନ୍ତୁ । ସେ ପଛେ ପାକାସ୍ତାନ୍‌ରେ ହୁଅନ୍ତୁ, ସିରୀୟାରେ, ୟମନ୍ କିମ୍ବା ଅନ୍ୟାନ୍ୟ ସ୍ଥାନରେ ହୁଅନ୍ତୁ ଅଲ୍ଲାଃତାଲା ସେମାନଙ୍କ କାରାମୁକ୍ତ ଏବଂ ମୁକୁଳିବା ନିମନ୍ତେ ସାଧନ ସୃଷ୍ଟି କରନ୍ତୁ ଓ ଉପଦ୍ରବୀଙ୍କ ଉପଦ୍ରବ ସେମାନଙ୍କ ଉପରେ ଲେଉଟାଇ ଦିଅନ୍ତୁ ।

ଆମମାନଙ୍କୁ ଏବଂ ଆମମାନଙ୍କର ଆଗାମୀ ବଂଶଧରମାନଙ୍କୁ ଯୁଦ୍ଧର ଅଗ୍ନିରୁ ସୁରକ୍ଷିତ ରହିବା ଏବଂ ଏହା ପରର ପ୍ରଭାବରୁ ସୁରକ୍ଷିତ ରହିବା ନିମନ୍ତେ ବହୁତ ଦୁଆ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ତହିଁରୁ ଉଦ୍ଧାର ଓ ସୁରକ୍ଷିତ ରଖନ୍ତୁ । ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଛି । କିନ୍ତୁ ସଂସାରର ଶାସକମାନେ ଏଥିପ୍ରତି ଚିନ୍ତିତ ନାହାନ୍ତି । ସେମାନଙ୍କ ବିଚାରରେ ସେମାନେ ସୁରକ୍ଷିତ ରହିବେ ଏବଂ ସାଧାରଣ ଲୋକମାନେ ମୃତ୍ୟୁବରଣ କରିବେ । କିନ୍ତୁ ଏହା ସେମାନଙ୍କର ଅପରିପକ୍ୱ ଧାରଣା ଅଟେ । ସେମାନେ ନିଜରେ ଅହଂବାଦକୁ ପ୍ରାଧାନ୍ୟ ଦେଉଛନ୍ତି । ଜନସାଧାରଣ ସଂପର୍କରେ ସେମାନେ କିଛି ବି ଭ୍ରୂକ୍ଷେପ କରୁ ନାହାନ୍ତି । ଏହା ହିଁ ମାୟାବୀ ଷଡ଼ଯନ୍ତ୍ର ଅଟେ । ନିରୀହ ଜନତାଙ୍କୁ ଶାସକମାନେ ନିଜ ଜାଲରେ ଫସାଇ ନେଇଛନ୍ତି । ସେମାନେ ଜନତାଙ୍କୁ କହୁଛନ୍ତି ଯେ, ଆମେମାନେ ତୁମମାନଙ୍କ ପାଇଁ ଏପରି କରୁଛୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏବେ ତ' ସାଧାରଣ ଜନତା ମଧ୍ୟ ଏହି ସ୍ୱର ଉତ୍ତୋଳନ କରିବାକୁ ଆରମ୍ଭ କରିଦେଇଛନ୍ତି । କିନ୍ତୁ ସେହି ଶାସକମାନଙ୍କ ଚାଲ୍ ଲୋକମାନଙ୍କୁ ଈଶ୍ୱରଙ୍କ ଠାରୁ ଦୂରେଇ ଦେଇଛି । ସେମାନେ ନିଜେ ଦୂରେଇ ରହିଛନ୍ତି ଏବଂ ତତ୍‌ସହିତ ପ୍ରତ୍ୟେକ ପ୍ରକାରର ନିର୍ଲଜ୍ଜତା ଓ ଘୃଷ୍ଟାତା ନିଜର ଚରମ ସୀମାରେ ରହିଛି । ଏହା ଅଲ୍ଲାଃତାଲାଙ୍କୁ କଦାପି ପସନ୍ଦ ନୁହଁ । ଏହାର ପରିଣାମ ଏହା ହିଁ ବାହାରିଥାଏ ଯେ, ଏହି ଶାସକମାନେ ଅଲ୍ଲାଃତାଲାଙ୍କ ପକଡ଼ (ଆୟତ୍ତ)ରେ ଆସିବେ ।

ଏପରି ପରିସ୍ଥିତିରେ ଅହେମଦିମାନଙ୍କୁ ନିଜକୁ ନିଜେ ଈଶ୍ୱରଙ୍କ ସମୀପବର୍ତ୍ତୀ କରାଇବା ଓ ଦୁଆରେ ବ୍ୟାକୁଳତା ସୃଷ୍ଟି କରିବା ନିମନ୍ତେ ଯଥେଷ୍ଟ ଆବଶ୍ୟକତା ରହିଛି । କାରଣ ସେମାନଙ୍କ ଉପଦ୍ରବରୁ ବର୍ତ୍ତି ପାରିବେ । ସେହି ଶାସକମାନଙ୍କ ଠାରୁ ପୁଣ୍ୟ ସ୍ୱଭାବର ଲୋକମାନଙ୍କୁ ସୁରକ୍ଷିତ ରହିବା ନିମନ୍ତେ ମଧ୍ୟ ଦୁଆ କରିବା ଉଚିତ୍। କାରଣ ସେମାନେ ମଧ୍ୟ ଉପଦ୍ରବରୁ ବର୍ତ୍ତି ଯାଆନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲେ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଛି । ପାଲେଷ୍ଟାଇନ୍‌ର ସୀମାବର୍ତ୍ତୀ ଅଞ୍ଚଳରୁ ବର୍ତ୍ତମାନ ଏହି ଯୁଦ୍ଧ ବାହାରକୁ ବାହାରି ଯାଇଛି । ଉପଦ୍ରବକାରୀମାନେ ସିରୀୟରେ ଥିବା ଇରାନ୍‌ର ଦୂତାବାସରେ ଯେଉଁ ଆକ୍ରମଣ କରିଛନ୍ତି ଏହା ଯେକୌଣସି ଆଇନ ଅନୁଯାୟୀ ଅବୈଧ ଅଟେ । ଇସ୍ରାଇଲ୍ ଏହି ଅକ୍ରମଣ କରିଛି ତେଣୁ ସଂସାର ନୀରବ ରହିଛି । ବର୍ତ୍ତମାନ ଏହା ଦ୍ୱାରା ଅଧିକ ଯୁଦ୍ଧ ବ୍ୟାପୀବାର ଆଶଙ୍କ ରିହଛି । ସେହି ସ୍ୱେଚ୍ଛାସେବୀ କର୍ମୀମାନଙ୍କ ବିୟୋଗ ପରେ ବର୍ତ୍ତମାନ ଏହି ସ୍ୱର ଉଠିଛି ଓ କେତେକ ଲୋକମାନେ କହିବାକୁ ଲାଗିଲେଣି ଯେ, ଏହା ଅନ୍ୟାୟ ଅଟେ । କିନ୍ତୁ ନିର୍ଦ୍ଦୋଷ ଓ ନିରାପରାଧ ପାଲେଷ୍ଟାଇନ୍ ବାସୀଙ୍କ ବିୟୋଗରେ ଏମାନେ ନୀରବ ରହିଥିଲେ । ଯେତେବେଳେ ନିଜ ଲୋକ ମରିଛନ୍ତି ସେତେବେଳେ ଏମାନଙ୍କୁ କଷ୍ଟ ଅନୁଭୂତ ହେଉଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ନା କାହିଁକି ଏହି ଦୁଆ କରିବା ଉଚିତ୍ ଯେ,, ଅଲ୍ଲାଃତାଲା ମାନବତାକୁ ରକ୍ଷା କରନ୍ତୁ । ଆମମାନଙ୍କୁ ମଧ୍ୟ ଦୁଆରେ ମଧ୍ୟ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। **(ରୋଜନାମା (ଦୈନିକ) ଅଲ୍ ଫଜଲ୍ ଇଣ୍ଟର ନେସ୍‌ନାଲ୍, 26 ଏପ୍ରିଲ୍, 2024 ମସିହା, ପୃ-1-8)**

☆--☆--☆

## ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା" ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan